


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୫ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 15 AUGUST 2021
Vol.No. 32 ■ No. 208 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ପ୍ରତ୍ୟେକଙ୍କ ଦୃଷ୍ଟିକୋଣକୁ ସମ୍ମାନ ଜଣାଇ ଆଗକୁ ବଢ଼ିବାକୁ ହେବ: ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୪/୦୮: ୭୫ ତମ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶକୁ ସମ୍ବୋଧିତ କରିଛନ୍ତି। ଦେଶବାସୀଙ୍କୁ ଅଭିବାଦନ ଜଣାଇ ସେ କହିଛନ୍ତି ଯେ ଆମେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛେ। ଦେଶ ସ୍ୱାଧୀନତା ପାଇବା ପରେ ଅନେକ ବାଟ ଅତିକ୍ରମ କରି ସାରିଛି। ଦୀର୍ଘ ୭୫ ବର୍ଷ ମଧ୍ୟରେ ଦେଶ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି କରିଛି। ଏହାରି ଭିତରେ ଅନେକ ଚ୍ୟାଲେଞ୍ଜ ମଧ୍ୟ ଆସିଛି। ଏବେ ବିକାଶର ପଥରେ ଚାଲିବା ବେଳେ ଆମକୁ ସେହି ପ୍ରତିବନ୍ଧକକୁ ମଧ୍ୟ ଦୂର କରିବାକୁ ହେବ ଯାହା ଦେଶର ବିକାଶରେ ବାଧା ସୃଷ୍ଟି କରୁଛି। ଆମ ସମାଜରେ ବିଭିନ୍ନ ପ୍ରକାର ସମସ୍ୟା ଓ ତିକ୍ତତା ରହିଛି। କିନ୍ତୁ ବିବିଧତା ମଧ୍ୟରେ ପ୍ରତ୍ୟେକଙ୍କ ଦୃଷ୍ଟିକୋଣକୁ ସମ୍ମାନ ଜଣାଇ ଆମକୁ ଆଗକୁ ବଢ଼ିବାକୁ ହେବ। ସେ କହିଛନ୍ତି, କରୋନା ମହାମାରୀରର ଆଶଙ୍କା ଏପର୍ଯ୍ୟନ୍ତ ଶେଷ ହୋଇନି। କିନ୍ତୁ କରୋନା




ବିରୋଧରେ ଭାରତର ଲଢ଼େଇ ପ୍ରଶଂସନୀୟ। କରୋନା ଲଢେଇରେ ଭାରତ ବିଶ୍ୱରେ ମଧ୍ୟ ନିଜର ଅବଦାନ ରଖିଛି। ଦେଶରେ ଟିକାକରଣର ଗତି ବଢ଼ୁଛି। ଯାହାର ପ୍ରମାଣ ଦେଶରେ ୫୦ କୋଟିରୁ ଅଧିକ ଲୋକ ଟିକା ନେଇ ସାରିଛନ୍ତି। ଟିକା ହେଉଛି ସର୍ବୋତ୍ତମ ସୁରକ୍ଷା। ତେଣୁ ସମସ୍ତ ଦେଶବାସୀଙ୍କୁ ଟିକା ନେବାକୁ ଅନୁରୋଧ କରୁଛନ୍ତି ରାଷ୍ଟ୍ରପତି। କରୋନା କାଳରେ ବୈଜ୍ଞାନିକଙ୍କ କାମ ପ୍ରଶଂସନୀୟ। କମ୍ ସମୟରେ ଟିକା ବାହାର କରିଥିବାରୁ ରାଷ୍ଟ୍ରପତି ବୈଜ୍ଞାନିକଙ୍କୁ ପ୍ରଶଂସା କରିଛନ୍ତି। ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀ, ପ୍ରଶାସକ ଏବଂ ଅନ୍ୟ କରୋନା ଯୋଦ୍ଧାମାନଙ୍କ ପାଇଁ କରୋନାର ଦ୍ୱିତୀୟ ଲହର କ୍ରମଶଃ ହ୍ରାସ ପାଇଛି। ଅନେକ କୋଭିଡ ଯୋଦ୍ଧା ପ୍ରାଣ ହରାଇଛନ୍ତି। ସେମାନଙ୍କୁ ଏହି ଅବସରରେ ମନେ ପକାଇଛନ୍ତି ରାଷ୍ଟ୍ରପତି। ତଥାପି ମହାମାରୀର ପ୍ରଭାବ ଏପର୍ଯ୍ୟନ୍ତ ଶେଷ ହୋଇନି ବୋଲି ରାଷ୍ଟ୍ରପତି କହିଛନ୍ତି। ଅଲିମ୍ପିକ୍ସରେ ଖେଳାଳିଙ୍କ ପ୍ରଦର୍ଶନ ଦେଶକୁ ଗୌରବାନ୍ୱିତ କରିଛି। ଅଲିମ୍ପିକ୍ସରେ ମହିଳା ଖେଳାଳିଙ୍କ ପ୍ରଦର୍ଶନ ବିକଶିତ ଭାରତର ଝଲକ। ବାପା'ମା ଝିଅଙ୍କୁ ଆଗକୁ ବଢିବା ଲାଗି ପ୍ରେରଣା ଦେବା ଉଚିତ୍ ବୋଲି ରାଷ୍ଟ୍ରପତି କହିଛନ୍ତି। ସେହିପରି ଜଳବାୟୁ ସୁରକ୍ଷା ଉପରେ ରାଷ୍ଟ୍ରପତି କହିଛନ୍ତି, ଭାରତ କେବଳ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ପାଳନ କରି ନାହିଁ ବରଂ ଜଳବାୟୁର ସୁରକ୍ଷା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିଠାରୁ ଅଧିକ ଅବଦାନ ରଖିଛି। ଦେଶର ଗଣତନ୍ତ୍ର ସଂସଦୀୟ ବ୍ୟବସ୍ଥା ଉପରେ ଆଧାରିତ, ତେଣୁ ସଂସଦ ହେଉଛି ଆମର ଗଣତନ୍ତ୍ରର ମନ୍ଦିର। ସମସ୍ତ ଦେଶବାସୀଙ୍କ ପାଇଁ ଏହା ଅତ୍ୟନ୍ତ ଗର୍ବର ବିଷୟ ଯେ ଆମ ଗଣତନ୍ତ୍ରର ଏହି ମନ୍ଦିର ନିକଟ ଭବିଷ୍ୟତରେ ଏକ ନୂଆ କୋଠାରେ ପ୍ରତିଷ୍ଠା ହେବାକୁ ଯାଉଛି। ସ୍ୱାଧୀନତାର ୭୫ ତମ ବାର୍ଷିକୀ ଅବସରରେ ଏହି ନୂଆ ଭବନର ଉଦଘାଟନ ବିଶ୍ୱର ବୃହତ୍ତମ ଗଣତନ୍ତ୍ରର ବିକାଶ ଯାତ୍ରାରେ ଏକ ଐତିହାସିକ ଆରମ୍ଭ ବୋଲି ରାଷ୍ଟ୍ରପତି କହିଛନ୍ତି।

## ଓଡିଶାରୁ ୮୦ ଜଣ ପୋଲିସ୍ ଅଧିକାରୀ ପାଇବେ ପଦକ

ଭୁବନେଶ୍ୱର,୧୪/୦୮ (ନି.ପ୍ର): ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଦେଶର ପୋଲିସ କର୍ମଚାରୀମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯିବ। ଶନିବାର ଗୃହ ମନ୍ତ୍ରାଳୟ ପକ୍ଷରୁ ବିଭିନ୍ନ ପଦକ ଲାଗି ମନୋନୀତ ପୋଲିସ କର୍ମଚାରୀଙ୍କ ନାମ ପ୍ରକାଶ କରାଯାଇଛି। ଓଡ଼ିଶାର ୨ଜଣ ପୋଲିସ କର୍ମଚାରୀଙ୍କୁ ରାଷ୍ଟ୍ରପତି ପଦକ, ୬୭ଜଣଙ୍କୁ ବୀରତା ପଦକ ଓ ୧୧ଜଣଙ୍କୁ ଉତମ ସେବା ପାଇଁ ପୋଲିସ ପଦକ ମିଳିବ ବୋଲି ଜଣାପଡ଼ିଛି। ରାଷ୍ଟ୍ରପତି ପଦକ ପାଇବାକୁ ଥିବା ଦୁଇ ପୋଲିସ୍ ଅଧିକାରୀ ହେଲେ ଡିଏସପି ଉମାଶଙ୍କର ପଣ୍ଡା ଓ ଭିଜିଲାନ୍ସ କନେଷ୍ଟବଳ ଭାବଗ୍ରାହୀ ତ୍ରିପାଠୀ। ଉଲ୍ଲେଖନୀୟ ସେବା ପାଇଁ କଟକ ▶▶ପୃଷ୍ଠା ୭

DADLS-12

ପବିତ୍ର ସ୍ୱାଧୀନତା ଦିବସ - ୨୦୨୧ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

ବୈଶ୍ୱିକ ମହାମାରୀ କରୋନା ବିରୋଧରେ ସମଗ୍ର ମାନବଜାତିର ଲଢ଼େଇରେ ଓଡ଼ିଶାର ପ୍ରଦର୍ଶନ ବେଶ ଉତ୍ସାହଜନକ ଓ ପ୍ରେରଣାଦାୟୀ। ଏହି ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି।

(ଗଣେଶୀ ଲାଲ)

OIPR : 15001/13/0024/2122

## ସ୍ୱାଧୀନତା ଦିବସରେ ଆକ୍ରମଣ ଚକ୍ରାନ୍ତ ବିଫଳ
## ଚାରିଜଣ ଆତଙ୍କବାଦୀ ଗିରଫ

ଜମ୍ମୁ,୧୪/୦୮ (ନି.ପ୍ର): ସ୍ୱାଧୀନତା ଦିବସର ଗୋଟିଏ ଦିନ ପୂର୍ବରୁ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ଏକ ବଡ଼ ଚକ୍ରାନ୍ତ ବିଫଳ କରାଯାଇଛି। ଜାମ୍ମୁ-କାଶ୍ମୀର ପୋଲିସ୍ ଶନିବାର ଦିନ ଚାରିଜଣ ଆତଙ୍କବାଦୀ ଏବଂ ସେମାନଙ୍କ ସହଯୋଗୀଙ୍କୁ ଗିରଫ କରି ଆତଙ୍କବାଦୀ ସଂଗଠନ ଜୈଶ-ଏ-ମୋହମ୍ମଦର ଏକ ମାଡ୍ୟୁଲର ପରଦାଫାସ କରିଛି। ଗିରଫ ଆତଙ୍କବାଦୀ ସ୍ୱାଧୀନତା ଦିବସରେ ଆକ୍ରମଣର ଯୋଜନା କରିଥିଲେ। ପୋଲିସ୍ ଶନିବାର ଦିନ କହିଛି ଯେ ଗିରଫ କରାଯାଇଥିବା ଆତଙ୍କବାଦୀ ତଥା ତାଙ୍କର ସହଯୋଗୀ ଜାମ୍ମୁରେ ଡ୍ରୋନ୍ ଦ୍ୱାରା ଅସ୍ତ୍ରଶସ୍ତ୍ରକୁ ଏକାଠି କରି ସଂଗଠନର ଅନ୍ୟ ଆତଙ୍କବାଦୀଙ୍କ ଯୋଗାଇବାର ଯୋଜନା



କରୁଥିଲେ। ସେଠାରେ ୧୫ ଅଗଷ୍ଟ ପୂର୍ବରୁ ଜାମ୍ମୁରେ ଜଣେ ଆଇଇଡି ଲଗାଇବାର ଷଡ଼ଯନ୍ତ୍ର ମଧ୍ୟ କରିଥିଲେ ଏବଂ ଦେଶର ଅନ୍ୟ ଭାଗରେ ମହତ୍ୱପୂର୍ଣ୍ଣ ଲକ୍ଷ୍ୟର ରେକି କରୁଥିଲେ।ପୋଲିସ୍ ସୂତ୍ର ଅନୁସାରେ ଆତଙ୍କବାଦୀଙ୍କ ପାଖରୁ ଅସ୍ତ୍ରଶସ୍ତ୍ର ଏବଂ ▶▶ପୃଷ୍ଠା ୭

## ୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୪/୦୮ (ନି.ପ୍ର): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୭ଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝ ଜିଲ୍ଲାର ଗୋଟି ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, ରାୟଗଡ଼ା, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢ଼େଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼,ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ସେହିପରି ୧୫ରୁ ୧୬ ତାରିଖ ମଧ୍ୟରେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ବାଲେଶ୍ୱର , ଭଦ୍ରକ,ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ,ଢେଙ୍କାନାଳ, କନ୍ଧମାଳ, ମାଲକାନଗିରି , କୋରାପୁଟ ଓ ରାୟଗଡା ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଥିବାରୁ ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ ବ୍ୟତୀତ ଅଗଷ୍ଟ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହିତ କାଳବୈଶାଖୀ ସମ୍ଭାବନା ରହଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

DADLS-12

୭୫ତମ ସ୍ୱାଧୀନତା ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ଅଭିନନ୍ଦନ

୭୫ତମ ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ। ଆସନ୍ତୁ, ଏହି ମହାର୍ଘ ମୂହୁର୍ତ୍ତ ଅବସରରେ ଶପଥ ନେଇ ଦେଶ ଓ ରାଜ୍ୟର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ପାଇଁ ପ୍ରତିବଦ୍ଧତାର ସହ କାମ କରିବା।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR : 15001/13/0024/2122

## ପ୍ରକାଶ ପାଇଲା ଯୁକ୍ତ ଦୁଇ କଳା ଓ ଧନ୍ଦାମୂଳକ ଶିକ୍ଷା ରେଜଲ୍ଟ

ଭୁବନେଶ୍ୱର,୧୪/୦୮ (ନି.ପ୍ର): ପ୍ରକାଶ ପାଇଛି ଯୁକ୍ତ ଦୁଇ କଳା ଓ ଧନ୍ଦାମୂଳକ ଶିକ୍ଷା ରେଜଲ୍ଟ। ଶନିବାର ଅପରାହ୍ନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ଯୁକ୍ତ ଦୁଇ କଳା ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷାଫଳ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଛାତ୍ରଛାତ୍ରୀମାନେ ଓଡିଶା ରେଜଲ୍ଟସ୍ ଡଟ୍ ଏନଆଇସି ଡଟ୍ ଇନ୍‌ରେ ଲଗ୍ ଇନ୍ କରି ସେମାନଙ୍କ ରେଜଲ୍ଟ ଜାଣିପାରିବେ। ଏବର୍ଷ ଯୁକ୍ତ ୨ କଳାର ରେଗୁଲାରରେ ୯୮.୫୮ % ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୯୫ ଜଣ ୯୦% ଉପରେ ଅଛନ୍ତି। କଳାରେ ୧ ଲକ୍ଷ ୮୬ ହଜାର ୬୮୫ ଜଣ ଉତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି ୩୦ ହଜାର ୬୮୫ ଜଣ ପରୀକ୍ଷାର୍ଥୀ। ଦ୍ୱିତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି ୪୬ ହାଜର ୫୬୩ ଏବଂ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି ୧ ଲକ୍ଷ ୧୯ ହଜାର ୫୦୫ ଜଣ ପରୀକ୍ଷାର୍ଥୀ। ଏହାବ୍ୟତୀତ କମ୍ପାର୍ଟମେଂଟାଲରେ ୨୦୬ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି। ଏଥର ଛାତ୍ରୀମାନେ ଛାତ୍ରଙ୍କ ଠାରୁ ଆଗରେ ରହିଛନ୍ତି। ରେଗୁଲାର, ଏକ୍ସରେଗୁଲାର ଓ କରେସ୍‌ପୋନ୍‌ଡେନ୍ସରେ ମିଶି ମୋଟ ୨,୨୦,୦୮୧ ▶▶ପୃଷ୍ଠା ୭




## ଓଡିଶାର ୨ ସହୀଦ ଯବାନଙ୍କୁ ଶୌର୍ଯ୍ୟ ଚକ୍ର ସମ୍ମାନ

ଭୁବନେଶ୍ୱର,୧୪/୦୮ (ନି.ପ୍ର): ଓଡ଼ିଶାର ୨ ଜଣ ଏସ୍‌ଓଜି କମାଣ୍ଡୋଙ୍କୁ ମରଣତୋର ଶୌର୍ଯ୍ୟ ଚକ୍ର ସମ୍ମାନ ପ୍ରଦାନ କରାଯିବ। ସାହସିକତା ଓ ବୀରତ୍ୱ ପାଇଁ ଏସ୍‌ଓଜି କମାଣ୍ଡୋ ସୁଧୀର କୁମାର ଟୁଡୁ ଓ ଦେବାଶିଷ ସେଠୀଙ୍କୁ ଏହି ସମ୍ମାନ ମିଳିବା ନେଇ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଘୋଷଣା କରାଯାଇଛି। ଏହି ଅବସରରେ ଉଭୟ ସୁଧୀର ଓ ଦେବାଶିଷ ସେମାନଙ୍କ ବୀରତ୍ୱ ପାଇଁ ଓଡ଼ିଶା ପୋଲିସର ଗର୍ବ ଓ ଗୌରବ ହୋଇ ରହିବେ ବୋଲି ପୁଲିସ ଡିଜି ଅଭୟ କହିଛନ୍ତି। ସେପଟେ ଓଡ଼ିଶା ପୋଲିସକୁ ଏଥର ପ୍ରଥମ ଥର ପାଇଁ ଶୌର୍ଯ୍ୟଚକ୍ର ସମ୍ମାନ କରାଯାଉଥିବାରୁ ଏହା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି। ସହିଦ ଦେବାଶିଷ ସେଠୀ ୨୦୧୩ ଅକ୍ଟୋବର ୧ ତାରିଖରେ ଓଡ଼ିଶା ▶▶ପୃଷ୍ଠା ୭

DADLS-12

ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ବାର୍ତ୍ତା

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଦେଶପ୍ରେମୀ ସଂଗ୍ରାମୀମାନଙ୍କ ଆତ୍ମୋତ୍ସର୍ଗ, ଜାତୀୟ ପ୍ରୀତି, ଅହିଂସା ଅସହଯୋଗ ମନ୍ତ୍ର ବଳରେ ଭାରତର ସ୍ୱାଧୀନତା ପ୍ରାପ୍ତି ଆମର ମହାନ୍ ଉପଲବ୍ଧି। ଆସନ୍ତୁ, ସ୍ୱାଧଧୀନତାର ମୂଲ୍ୟବୋଧକୁ ସ୍ମରଣ କରି ସେହି ସଂଗ୍ରାମୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବା। ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଜାରି କରାଯାଉଥିବା କୋଭିଡ୍ ମାର୍ଗଦର୍ଶିକାକୁ ଅନୁପାଳନ ସହ କରୋନା ମହାମାରୀକୁ ହରାଇ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ନିର୍ମାଣ କରିବାକୁ ସଂକଳ୍ପବଦ୍ଧ ହେବା।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0024/2122

## ମହିଳା ବିକାଶ ସଂଘ ଗୃହ ଶୁଭାରମ୍ଭ



ଜଳେଶ୍ୱର,୧୪/୮ (ନି.ପ୍ର): ଶ୍ରୀରାମପୁର ପଞ୍ଚାୟତର ମହିଳା ବିକାଶ ସଂଘ ଗୃହ ଶୁକ୍ରବାର ସକାଳ ୯ଟାରେ ଶ୍ରୀରାମପୁର ଠାରେ ଶୁଭାରମ୍ଭ ହୋଇଥିଲା ବେଳେ ଏହାର ଅଟକଳ ମୂଲ୍ୟ ୧୨ ଲକ୍ଷ ଟଙ୍କା ରହିଛି । ଏଥିରେ ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଆରତୀ ଗିରି ମହିଳା ସଂଘର ସୁହାଗୀ ହାଁସଦା, ଜୁଲିରାଣି ପରିଡ଼ା, ପଦ୍ମାବତୀ ରଣା, ସାବିତ୍ରୀ ଗିରି, ମଧୁମିତା ମଲ୍ଲିକ, ଓ୍ୱାର୍ଡ଼ ସଭ୍ୟା ଶିବାନୀ ମଲ୍ଲିକ, ଜୟନ୍ତ ଦାସ ଅଧିକାରୀ, ଆଲୋକ ଗିରି ଅମର ଆଚାର୍ଯ୍ୟ, ବେଣୁଧର ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ, ଦୀନକୃଷ୍ଣ ମଲ୍ଲିକ, ବର୍ଷାରାଣୀ ମଲ୍ଲିକ, ଶୁକ ମଲ୍ଲିକ, ନିଗମାନନ୍ଦ ମଲ୍ଲିକ, ନିରଞ୍ଜନ ମଲ୍ଲିକ ପ୍ରମୁଖ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ ।

## ଟ୍ରାଇଫେଡ଼ ଚେୟାରମ୍ୟାନଙ୍କୁ ଭେଟିଲେ ମୟୂରଭଞ୍ଜ ସାଂସଦ ପ୍ରତିନିଧି ହେମନ୍ତ ଶାହା



ବାରିପଦା,୧୪/୮ (ନି.ପ୍ର): ଟ୍ରାଇଫେଡ଼ ଜରିଆରେ ମୟୂରଭଞ୍ଜ ଜିଲ୍ଲାରେ ଜନଜାତି ମାନଙ୍କର କିପରି ସର୍ବାଙ୍ଗୀନ ବିକାଶ ହୋଇପାରିବ ସେ ବିଷୟରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଜଳଶକ୍ତି ଏବଂ ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ସାଂସଦ ପ୍ରତିନିଧି ହେମନ୍ତ ଶାହା ଟ୍ରାଇଫେଡ଼ର ଚେୟାରମ୍ୟାନ ରମେଶ ଚନ୍ଦ୍ର ମୀନାଙ୍କୁ ଭେଟି ଆଲୋଚନା କରିଛନ୍ତି। ଜନଜାତି ମାନଙ୍କର ଜୀବନ ଜୀବିକାରେ ଉନ୍ନତି ପାଇଁ କେନ୍ଦ୍ର ଜନଜାତି ବିଭାଗ ପକ୍ଷରୁ ହୋଇଥିବା ବନଧନ ଯୋଜନା, ବନଜାତ ଦ୍ରବ୍ୟ ସଂଗ୍ରହ ଏବଂ ତାହାର ବଜାରୀ କରଣ, ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଜନଜାତି ମାନଙ୍କର ଉନ୍ନତି, ଜନଜାତି ମେଳା ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପ୍ରମୁଖ ସ୍ଥାନ ମାନଙ୍କରେ ଟ୍ରାଇଫେଡ଼ ଦ୍ୱାରା ଆଉଟଲେଟ ଖୋଲିବା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ଏଥିସହିତ ଜିଲ୍ଲାରେ ଜନଜାତି କାରିଗରୀ ମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବଜାରୀ କରଣ ବାବଦରେ ମଧ୍ୟ ଆଲୋଚନା ହୋଇଥିଲା। ସବୁ କାର୍ଯ୍ୟ କିପରି ସମୟ ମୁତାବକ ସମ୍ପାଦନ କରାଯାଇ ପାରିବ ସେଥିପାଇଁ ଟ୍ରାଇଫେଡ଼ର ଚେୟାରମ୍ୟାନ ଶ୍ରୀ ମୀନା ଖୁବଶୀଘ୍ର ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନ ଗସ୍ତ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଏହି ଆଲୋଚନା ସମୟରେ କେନ୍ଦ୍ର ଜଳଶକ୍ତି ଏବଂ ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବ

## ଛାତ୍ରଛାତ୍ରୀମାନେ ଦୁର୍ବଳ ବର୍ଗ ପ୍ରତି ସକାରାତ୍ମକ ଭାବନା ରଖନ୍ତୁ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୪/୮ (ନି.ପ୍ର): ଗୁଣାତ୍ମକ ଶିକ୍ଷା ଓ ଗବେଷଣାର ଧାରା ବଜାୟ ରଖି ଭାରତକୁ ବିଶ୍ୱସ୍ତରରେ ଜ୍ଞାନ ଅର୍ଥନୀତିରେ ଶୀର୍ଷ ପହଞ୍ଚାଇବା ଦିଗରେ କାର୍ଯ୍ୟ କରି ଆସିଥିବା କିଟ୍ ବିଶ୍ୱବିଦ୍ୟାଳୟର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା କୌଶଳ ବିକାଶ ଓ ଔଦ୍ୟୋଗିକୀ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ କହିଲେ, ତୁମେମାନେ ଯେଉଁ ସବୁ ଜ୍ଞାନ ଆହରଣ କରିଛ, ତାହା ତୁମର ଭବିଷ୍ୟତ ନିର୍ମାଣ କରିବାରେ ସହାୟକ ହେବ। ତୁମେମାନେ ଉତ୍କୃଷ୍ଟତା ଲାଗି ପ୍ରୟାସ ଜାରି ରଖିଥିବା ବେଳେ ମୋର ଆଶା ଏହି ଉତ୍କର୍ଷତା ନେଇ ତୁମେମାନେ ଯେଉଁ ସଫଳତା ହାସଲ କରିବ ତାହା ସମାଜର ଦୁର୍ବଳ ବର୍ଗର ବ୍ୟକ୍ତିଙ୍କ ପାଇଁ ସକାରାତ୍ମକ ପ୍ରଭାବ ପକାଇବ। ସଂପ୍ରତି ଭାରତ ସରକାରଙ୍କ ଜାତୀୟ ଶିକ୍ଷାନୀତି -୨୦୨୦ ଜରିଆରେ ଭାରତରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆସିପାରିବ ବୋଲି ଶ୍ରୀ ପ୍ରଧାନ କହିଥିଲେ। କରୋନା କଟକଣା ମଧ୍ୟରେ ସମାବର୍ତ୍ତନ ଉତ୍ସବ ଭର୍ଚୁଆଲ୍ ମୋଡରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟଳୟ ପକ୍ଷରୁ ବିଶିଷ୍ଟ ଆଧ୍ୟାତ୍ମିକ ସାଧ୍ୱୀ ମାତା ଅମୃତାନନ୍ଦମୟୀ ଦେବୀ (ଆମ୍ମା)ଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯାଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ଓ




ସମାଜସେବୀ 'ଏନାମ୍ ଗ୍ରୁପ୍ ଏବଂ ଦେଶ ଆପନାଏଁ ସହଯୋଗ ଫାଉଣ୍ଡେସନ୍'ର ପ୍ରତିଷ୍ଠାତା ତଥା ଫ୍ଲେମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ବଲ୍ଲଭ ଭନଶାଲି ଓ ଫ୍ରାନସର ବିଶିଷ୍ଟ ରସାୟନ ନୋବେଲ୍ ବିଜେତା ପ୍ରଫେସର ଜିନ୍ ମାରି ଲେନଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଥିଲା । ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ମାତା ଅମୃତାନନ୍ଦମୟୀ କହିଲେ, ପରବର୍ତ୍ତୀ ପିଢ଼ି ପାଇଁ ଶିକ୍ଷା ଜରିଆରେ ମାନବିକ ମୂଲ୍ୟବୋଧ ତିଆରି କରିବା ହେଉଛି ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ସକାଶେ ଆମ୍ମା ଶ୍ରୀ ସାମନ୍ତଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ଶ୍ରୀ ଭନଶାଲି କହିଲେ, ଅଚ୍ୟୁତ ସାମନ୍ତ ସହାନୁଭୂତି, ପ୍ରତିବଦ୍ଧତା ଓ ସଫଳତାର ଶୀର୍ଷ ସ୍ଥାନ ଗ୍ରହଣ କରିଛନ୍ତି । କୃତଜ୍ଞତାଠାରୁ ଉଚ୍ଚ କୌଣସି ମାନବିକ ପ୍ରକୃତି ନାହିଁ ବୋଲି କହିବା ସହ ଛାତ୍ରଛାତ୍ରୀମାନେ ଏହି ଧର୍ମ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ । ସମ୍ମାନସୂଚକ ଡକ୍ଟୋରେଟ୍ ଗ୍ରହଣ କରି ଉତ୍ତରରେ ଡ. ଲେନ୍ କିଟ୍ ଓ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କରୋନା ମହାମାରୀ ସତ୍ତ୍ୱେ କିଟ୍‌ର ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିଛନ୍ତି। ଏହି ଅବସରରେ ଶ୍ରୀ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କୁଳାଧିପତି ପ୍ରଫେସର ବେଦ ପ୍ରକାଶ କହିଲେ କେନ୍ଦ୍ର ସରକାର କିଟକୁ ଏକ ଇନଷ୍ଟିଚ୍ୟୁଟ୍ ଅଫ୍ ଏମିନେନସ ଭାବେ ଚୟନ କରିଛନ୍ତି। ଏହା ଦ୍ୱାରା କିଟ୍ ଦେଶର କେତେକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଦୃତ ହୋଇଛି। ଉପକୁଳାଧିପତି ପ୍ରଫେସର ଡ. ସୁବ୍ରତ ଆଚାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଲେ, କିଟର ଅନନ୍ୟ ଲକ୍ଷ୍ୟ ହେଉଛି ଶିକ୍ଷା ଜରିଆରେ ଦାରିଦ୍ର୍ୟ ଦୂରିକରଣ। ଛାତ୍ରଛାତ୍ରୀମାନେ ଏହା ଉପରେ ଗୁରୁତ୍ୱ ଦେବା ଉଚିତ। କାର୍ଯ୍ୟକ୍ରମରେ କୁଳପତି ଦାୟିତ୍ୱରେ ଥିବା ପ୍ରଫେସର ସସ୍ମିତା ସାମନ୍ତ ବାର୍ଷିକ ବିବରଣୀ ପାଠ କରିବା ସହ କିଟର ବିଶ୍ୱସ୍ତରୀୟ ରାଙ୍କ ସଂପର୍କରେ ସୂଚନା ଦେଇଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସମାବର୍ତ୍ତନ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ୨୦୨୦-୨୧ ବ୍ୟାଚର ମୋଟ ୭୦୩୨ ଛାତ୍ରଛାତ୍ରୀଙ୍କୁ ଭର୍ଚୁଆଲ୍ ମୋଡରେ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୁଷ କୁମାର, ବାସେଲ୍ ନାସର ଏବଂ ସୁଧାଂଶୁ ଉପାଧ୍ୟାୟଙ୍କୁ ଚଳିତବର୍ଷର ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ୨୨ଜଣ ଛାତ୍ରଛାତ୍ରୀଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୩୧ଜଣଙ୍କୁ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ନନୀବାଳା ସ୍ୱର୍ଣ୍ଣପଦକ, ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମାରକୀ ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ ଦିଆଯାଇଥିବା ବେଳେ ୬୧ଜଣ ଗବେଷଣାରତ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡ଼ି ଡ଼ିଗ୍ରୀ ପ୍ରଦାନ କରାଯାଇଥିଲା।

# ମୟୂରଭଞ୍ଜ କଲେଜ ଅଫ ଏକାଉନଟେନସି ଏଣ୍ଡ ମେନେଜମେଂଟରେ ସ୍ୱଚ୍ଛତା ପକ୍ଷ

## ପୋଷ୍ୟ ଗ୍ରାମ ମହାରାଜପୁରରେ ସଫେଇ କଲେ ଛାତ୍ରଛାତ୍ରୀ

ବାରିପଦା,୧୩/୦୮ (ନି.ପ୍ର): ସ୍ଥାନୀୟ ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଂଟର ପୋଷ୍ୟ ଗ୍ରାମ ମହାରାଜପୁରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମତେ କୋଭିଡ କଟକଣା ମଧ୍ୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ୧୫ ଦିନ ବ୍ୟାପୀ ଚାଲୁଥିବା ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରି ସ୍ୱଚ୍ଛତା ହିଁ ସୁସ୍ଥ ତଥା ନିରୋଗ ଜୀବନ ସହ ସାମାଜିକ




ସହଭାଗିତା ବୃଦ୍ଧି କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ସ୍ୱଚ୍ଛତା ନିମନ୍ତେ ଶପଥ ପାଠ କରିଥିଲେ । ଜାତୀୟ ସେବା ଯୋଜନାର ଅଧିକାରୀ ମୀରା ସେନାପତି ଏବଂ ବିଜୟା ନାୟକ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ । ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ସ୍ଲୋଗାନ ଦେଇ କଲେଜ ପରିସର ସଫେଇ କରିବା ସହ ପୋଷ୍ୟଗ୍ରାମ ମହାରାଜପୁର ମଧ୍ୟ ସଫେଇ କରିଥିଲେ ଓ କରୋନା ମହାମାରୀରୁ ଆମେ କିପରି ରକ୍ଷା ପାଇପାରିବା ସେ ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ । ପ୍ରଥମେ ନିଜେ ପରିଷ୍କାର ରହିପାରିଲେ ନିଜ ଗ୍ରାମ, ସହର ତଥା ଦେଶକୁ ସଫା ରଖିପାରିବା ବୋଲି ଦର୍ଶାଇଥିଲେ । ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ତୈଲୋକ୍ୟ ସାମଲ, ଦେବାଶିଷ ଦାସ, ଆନନ୍ଦ ଶଙ୍କର ଘୋଷ, ଚନ୍ଦନ ସାହୁ, ରାଜେଶ ମହାନ୍ତ, ପିନାକିନୀ ପ୍ରିୟଦର୍ଶିନୀ ବେହେରା ଓ ମୋନାଲିସା ଘୋଷ ପ୍ରମୁଖ ନେତୃତ୍ୱ ନେଇଥିଲେ । ଅଧ୍ୟାପକ ମଦନ ମୋହନ ସାହୁ, ଶିବ ପ୍ରସାଦ ମଲ୍ଲିକ, ଦେବୀଦତ୍ତ ରାଉତ ଅଧ୍ୟାପିକା ସବିତାରାଣୀ ଦାଶ, ସାଗରୀକା ପଣ୍ଡା, ପୂଜାରିଣୀ ଦାସ, ତୃପ୍ତି ଦାସ ଓ ଇତିବାଳା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କଲେଜର ଉପାଧ୍ୟକ୍ଷା ଶ୍ରୀମତୀ ସଂଘମିତ୍ରା ରାଉତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## AFFIDAVIT

By virtue of an affidavit Executive Magistrate Balasore prior to my marraige I was named as Shyamali Pradhan D/o Sarat Pradhan which has been mentioned in my postal policy. After my marriage my name has been changed from Shyamali Pradhan to Mitarani Nayak for all purpose. Shyamali Pradhan and Mitarani Nayak both are same and one person. Henceforth I shall be known as Mitarani Nayak for all purpose.













# ସ୍ୱାଧୀନତା ଦିବସ ବିଶେଷାଙ୍କ-୨୦୨୧







ଖୁବ୍ ଶୀଘ୍ର ପ୍ରକାଶ ପାଉଛି .....
ଦୁଇଟି ଗଳ୍ପ ପୁସ୍ତକ

ସୈରିନ୍ଧ୍ରୀ ସାହୁଙ୍କ
‘ରଫ୍‌ଖାତାର ଚିତ୍ର’
ଓ
ଦିଲ୍ଲୀପ କୁମାର ସାହୁଙ୍କ
‘ଅସମୟର ସ୍ୱର’







ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର



ସମସ୍ତ ଦେଶବାସୀଙ୍କୁ
75 ତମ ସ୍ୱାଧୀନତା ଦିବସ
ର ହାର୍ଦ୍ଦିକ ଶୁଭକାମନା
ଜୟ ହିନ୍ଦ

Azadi Ka Amrit Mahotsav

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର

“ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ କୋଟି କୋଟି ଭାରତବାସୀଙ୍କ ପାଇଁ ଏକ ପର୍ବ । ଏଥିରେ ସମଗ୍ର ଭାରତର ପରମ୍ପରା ଏବଂ ସ୍ୱାଧୀନତା ସଂଗ୍ରାମର ପ୍ରତିଫଳନ ରହିଛି ଓ ସ୍ୱାଧୀନ ଭାରତକୁ ଗୌରବାନ୍ୱିତ କରୁଥିବା ବିକାଶ ଯାତ୍ରା ମଧ୍ୟ ରହିଛି। ଏହି ଆୟୋଜନ ଆମର ୭୫ ବର୍ଷର ଉପଲବ୍ଧିକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ଏବଂ ଆସନ୍ତା ୨୫ ବର୍ଷ ପାଇଁ ବିକାଶର ରୂପରେଖ ଓ ସଂକଳ୍ପ ଲାଗି ପ୍ରେରଣା ନେବାର ଅବସର ଅଟେ ।”

– ନରେନ୍ଦ୍ର ମୋଦୀ



davp 22201/13/0010/2122

କୋଣ ଅନୁକୋଣରେ,
ଆମର ପ୍ରତିଟି ସ୍ପନ୍ଦନରେ... ପ୍ରଥମେ ରାଷ୍ଟ୍ର

ଲାଲକିଲ୍ଲାର ପ୍ରାଚୀରରୁ ସ୍ୱାଧୀନତା ଦିବସ ସମାରୋହ ସକାଳ ୬ ଟା ୨୫ ଠାରୁ ଦୂରଦର୍ଶନରେ ସିଧା ପ୍ରସାରଣ

#AmritMahotsav
କ୍ୟୁଆର କୋଡ ସ୍କାନ କରନ୍ତୁ ଓ ଆଜାଦୀ କା ଅମୃତ ମହୋତ୍ସବରେ ସାମିଲ ହୁଅନ୍ତୁ

# ସ୍ୱାଧୀନତା ଦିବସ ବିଶେଷାଙ୍କ-୨୦୨୧

## ଆମେ ଖାଣ୍ଟି ଭାରତୀୟ

ଦିବାକର ନାୟକ



ଆମେ ଶାନ୍ତି ଚାହୁଁ ହେଲେ
ଯିଏ ଦେବ ଯୁଦ୍ଧ ଭୟ
ଛାଡ଼ିବୁନି ଆମେ ତାକୁ
ନୋହୁଁ ଆମେ ଅସହାୟ
ଆମେ ଖାଣ୍ଟି ଭାରତୀୟ (୦)

ପଡୋଶୀ ଭଳି ଚଳିବା ଚାହୁଁ
ବିପଦେ ହେଉ ସାହା
ସୁଖରେ ଆମେ ହସିବା ଜାଣୁ
ଦୁଃଖରେ ହେଉ ଠିଆ

ଆମେ ମୈତ୍ରୀ ଚାହୁଁ ହେଲେ
ଯିଏ ଦେବ ଶତୃଭୟ
ଛାଡ଼ିବୁନି ଆମେ ତାକୁ
ଆମେ ନୋହୁଁ ଅସହାୟ
ଆମେ ଖାଣ୍ଟି ଭାରତୀୟ (୧)

ଯୁଦ୍ଧ ପାଇଁ ଗୋଳା ବାରୁଦ
କମାଣ ଅଛି ଯେତେ
ନିଜ ସୁରକ୍ଷା ଲାଗି ରଖିଛୁ
ସଂଜତ ମାର୍ଗେ ସତେ

ଆମେ ପ୍ରେମ ଚାହୁଁ ହେଲେ
ଯିଏ ଦେବ ଘୃଣାଭୟ
ଛାଡ଼ିବୁନି ଆମେ ତାକୁ
ଆମେ ନୋହୁଁ ଅସହାୟ
ଆମେ ଖାଣ୍ଟି ଭାରତୀୟ (୨)

+ ପାଟପୁର, କନିସି, ଗଞ୍ଜାମ
(ମୋ)୯୯୩୮୬ ୧୯୯୮୧

## ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ...



ଡକ୍ଟର ଲକ୍ଷ୍ମଣ ସାହୁ

ଭାରତୀୟଙ୍କ ଅହର୍ନିଶ ଅସୀମ ଲଢ଼େଇ, ଦୃଢ ମନୋବଳ, ଗଭୀର ଆତ୍ମବିଶ୍ୱାସ ଦିନେ ନା ଦିନେ ସ୍ୱାଧୀନତାର ସ୍ୱାଦ ଭରି ଦେବ ଏକଥା କାହାକୁ ଅଛପା ନଥିଲା । ଜାତୀୟ ଦଳ ସମୂହର ରାଜନୈତିକ କୌଶଳଗତ କ୍ରିୟାକଳାପ ନହେଲେ ମଧ୍ୟ ଶ୍ରମଜୀବୀ ଜନଗଣଙ୍କ ବ୍ୟାପକ ଆନ୍ଦୋଳନ ଯୋଗୁଁ ଔପନିବେଶକ ସରକାରଙ୍କୁ ଶେଷରେ ହାରିବାକୁ ପଡିଥିଲା , ସେମାନେ ସ୍ୱଦେଶ ପଶ୍ଚାଦ୍ଧସରଣ କରିବାକୁ ବାଧ ହୋଇଥିଲେ । ବିଶେଷ କରି ୧୯୪୬ ଓ ୧୯୪୭ ଖ୍ରୀଷ୍ଟାଦ୍ଦରେ ଭାରତର କ୍ରମାଗତ ଅବନତ ଅର୍ଥନୈତିକ ପରିସ୍ଥିତି ସହର ଓ ଗ୍ରାମାଞ୍ଚଳର ଗଣ ଆନ୍ଦୋଳନ ପ୍ରତି ଉଦ୍ଦୀପନା ଅଧିକ ଭାବରେ ଯୋଗାଇ ଦେଉଥିଲା ।

ସ୍ୱାଧୀନତାର ପୂର୍ବାକାଶରେ ନବୀନ ସୂର୍ଯୋଦୟ , ଐତିହାସିକ ଘଟଣାର ଇତିହାସ ଲିପିବଦ୍ଧ ହେବାର ଆଭାସ ଦେଖାଦେଇଥିଲା । ଇତିହାସକୁ ଦୃଷ୍ଟିରେ ରଖି ବିବେଚନା କଲେ ୧୯୪୬ ଖ୍ରୀଷ୍ଟାଦ୍ଦର ଗ୍ରୀଷ୍ମ ଓ ଶରତ କାଳରେ ଦକ୍ଷିଣ-ଭାରତୀୟ ରେଳପଥ ଓ ଉତ୍ତର-ପଶ୍ଚିମ ରେଳପଥ ସମେତ ବଙ୍ଗଳା , ମାନ୍ଦ୍ରାଜ , ନାଗପୁର ଆଦି ଶିଳ୍ପାୟନ କଳକାରଖନାରେ ଧର୍ମଘଟ ସଂଘଟିତ ଘଟିଥିଲା । ତ୍ରିଭାଙ୍କୁର ଓ କୋଚିନରେ ନଡିଆ ପ୍ରସେସିଂ ଶିଳ୍ପରେ ଧର୍ମଘଟ ଘଟିଥିବା ବେଳେ ପୁନ୍ନପ୍ରା ଓ ଭୋଲାରରେ ପୁଲିସ ସହ ସଶସ୍ତ୍ର ସଂଘର୍ଷ ଦେଖା ଦେଇଥିଲା । ଏହାର ପ୍ରଭାବ ବିଭିନ୍ନ ସ୍ଥାନରେ ମହୀଶୂର ଓ ହାୟଦରାବାଦରେ ଏହା ବ୍ୟାପକ ଆକାର ଧାରଣ କରିଥିଲା । ଏହି ଧର୍ମଘଟଗୁଡିକରେ ପ୍ରାୟ କୋଡିଏ ଲକ୍ଷ ଶ୍ରମିକ ଯୋଗ ଦେଇଥିଲେ । ୧୯୪୭ ଖ୍ରୀଷ୍ଟାଦ୍ଦର କାନପୁର ଓ କଲିକତାରେ ଧର୍ମଘଟ ନାଟକୀୟ ରୂପ ନେଇଥିଲା । ଧର୍ମଘଟକାରୀମାନଙ୍କ ଉପରେ ଆଖିବୁଜା ଗୁଳି ଚାଳନା କରିବା ପ୍ରତିବାଦରେ ଦୁଇ ସହରରେ ହରତାଳ କରାଯାଇଥିଲା । ଯାହାର ପ୍ରତିଫଳନ ଗ୍ରାମ୍ୟ ଜନସାଧାରଣଙ୍କ ଉପରେ ପଡିବା ଦ୍ୱାରା ସେମାନେ ସଂଗ୍ରାମରେ ମଧ୍ୟ ଯୋଗଦେଇଥିଲେ । ଏପରିକି ପ୍ରତ୍ୟେକ ପ୍ରଦେଶରେ ସ୍ୱତଃସ୍ଫୁର୍ତ୍ତ ଭାବରେ କୃଷକ ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେସମୟରେ କେତେକ ଜିଲ୍ଲାରେ ଜମିଦାର ଓ ପୁଲିସ ମଧ୍ୟରେ ସଂଘର୍ଷ ବ୍ୟାପକ ରୂପ ଧାରଣ କରିଥିଲା । ସମ୍ଭାବ୍ୟ କୃଷି ସଂସ୍କାର ଭୟରେ ଜମିଦାରମାନେ ସେଠାରେ ରଇତ ଚାଷୀମାନଙ୍କୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ସଂଘର୍ଷ କରିବାକୁ ପ୍ରୟାସ କରିଥିଲେ , ଯାହା ସେମାନଙ୍କର କେବଳ ସଂସ୍କାରର ପ୍ରସ୍ତୁତି ପର୍ବ ଥିଲା ।

ଐତିହାସିକ ତଥ୍ୟାନୁସାରେ ବଙ୍ଗଳାର ଗ୍ରାମାଞ୍ଚଳରେ ସେତେବେଳେ ତେଭାଗା ଆନ୍ଦୋଳନ ଅତି ମାତ୍ରାରେ ଅଗ୍ନିସମ ମାଡି ଯାଇଥିଲା । ଉତ୍ପନ୍ନ ଫସଲର ଏକ ତୃତୀୟାଂଶକୁ ଖଜଣାର ପରିମାଣ କମାଇବା ପାଇଁ ଚାଷୀମାନେ ଅସନ୍ତୋଷ ଥିବା ହେତୁ ଆନ୍ଦୋଳନ କରିଥିଲେ । ଯାହାର ପ୍ରଭାବ ଏଗାରଟି ଜିଲ୍ଲାକୁ ସଂପୂର୍ଣ୍ଣ ବ୍ୟାପିଯାଇଥିଲା । ପିଟୁଣି ପୁଲିସ୍ ଓ ଜମିଦାରମାନଙ୍କ ଭଡାଟିଆ ଦଲାଲ ଓ ଗୁଣ୍ଡାମାନଙ୍କ ବିପକ୍ଷରେ ଏହା ରୀତମତ ଗରିଲା ଯୁଦ୍ଧର ଆକାର ନେଇଥିଲା । ଏଭଳି ଏହା ବଢ଼ିବାରେ ଲାଗିଲା ଯେ ମୁହୂର୍ତ୍ତକ ଭିତରେ ଏହି ଆନ୍ଦୋଳନକାରୀଙ୍କ ସଂଖ୍ୟା ପଚାଶ ଲକ୍ଷରୁ ଅଧିକ ଟପି ଯାଇଥିଲା । ତେଣୁ ବଙ୍ଗଳାର ବିଧାନସଭା ଭାଗ ଚାଷୀମାନଙ୍କ ସ୍ୱାର୍ଥାନୁକୂଳରେ ଆଇନ ପାଶ କଲାପରେ ଆନ୍ଦୋଳନର ଅନ୍ତ ଘଟିଲା । ସେଭଳି ପଞ୍ଜାବର ଲୟାରପୁର ଜିଲ୍ଲା କୃଷକ ଆନ୍ଦୋଳନର କେନ୍ଦ୍ର ଥିଲା । ବିଶେଷତଃ ରଇତ ଚାଷୀମାନେ ଖଜଣା ଓ ବାକିଆ ଋଣ ଛାଡ଼ ପାଇଁ ଦାବି କରିଥିଲେ । ବମ୍ବେ ପ୍ରଦେଶରେ ଓୟାର୍ଲି ଉପଜାତି ମହାଜନ ମାନଙ୍କ ବିପକ୍ଷରେ ଆନ୍ଦୋଳନ ଘଟିବା ଫଳରେ ପ୍ରାୟ ଏକହଜାରରୁ ଉର୍ଦ୍ଧ୍ୱ ଓୟାର୍ଲି ମହାଜନ ଋଣମୁକ୍ତ ହୋଇଥିଲେ ।

ବାସ୍ତବରେ କୃଷକମାନଙ୍କ ଅବିଚଳିତ ପ୍ରତିରୋଧ ଫଳରେ ସେମାନେ ପଳାୟନର ଘଟିବାର ସହାୟକ ହେଲା । ହାଇଦ୍ରାବାଦ ତେଲୁଗୁ ଅଞ୍ଚଳରେ ସାମନ୍ତବାଦୀ ନିର୍ଯାତନା ସହ ଯୁକ୍ତ ଥିଲା ଧର୍ମୀୟ ଓ ବର୍ଣ୍ଣଗତ ବୈଷମ୍ୟ ମୂଳକ ଆଚରଣ । ଏପରିକି ଜନସାଧାରଣ ହାଇଦ୍ରାବାଦର ନିଜାମଙ୍କ କର୍ମଚାରୀ ମାନଙ୍କୁ ବିତାଡିତ କରି ଗଣ ଶାସନ ସଂସ୍ଥା ବା ପଞ୍ଚାୟତ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ । ସେତେବେଳେ ହାଇଦ୍ରାବାଦର ଘଟଣାବଳୀର ପ୍ରଭାବ କାଶ୍ମୀରର ସାମନ୍ତବାଦୀ ଶାସକମାନଙ୍କ ବିପକ୍ଷରେ କୃଷକ ମାନଙ୍କ ଅଭ୍ୟୁତ୍ଥାନ ଦେଖାଦେଇଥିଲା । ଜମ୍ମୁ ଓ କାଶ୍ମୀର ନେସନାଲ କନଫରେନ୍ସ ଦ୍ୱାରା ଆୟୋଜିତ ବିକ୍ଷୋଭରେ ରାଜ ଶାସନର ଅବସାନ ଦାବି କରିଥିଲେ । ଏଖବର ପବନ ବେଗରେ ବ୍ୟାପିଯାଇଥିଲା ଏଭଳିଯେ କାଶ୍ମୀରର ଗ୍ରାମାଞ୍ଚଳରେ କାଶ୍ମୀରୀ ଛାଡ଼ ଧ୍ୱନି ଜନପ୍ରିୟ ପାଲଟି ଯାଇଥିଲା । ଯାହା ଫଳରେ ଖଜଣା ବନ୍ଦ ଆନ୍ଦୋଳନ କୃଷକମାନଙ୍କୁ ଉତ୍ସାହିତ କରିଥିଲା । ସେହିପରି କାଶ୍ମୀରର ରାଜା ଏବଂ ରାଜାଙ୍କ ଶାସନ ଚକ୍ରର ପ୍ରଧାନ ମାନେ ହିନ୍ଦୁ ଓ ଏମାନଙ୍କ ବିରୋଧ ପକ୍ଷ ମୁସଲମାନ ହୋଇଥିବାରୁ କାଶ୍ମୀରରେ କ୍ରମବର୍ଦ୍ଧମାନ ଉତ୍ତେଜନା ଦେଖା ଦେଇଥିଲା । ବିଶେଷ ଭାବରେ ଏହା ନିହିତ ଥିଲା ଭାରତର ଅବଶିଷ୍ଟ ଅଂଶ ଉପରେ ହିନ୍ଦୁ ମୁସଲମାନ ସଂପର୍କ କ୍ଷେତ୍ରରେ ବିରୂପ ପ୍ରତିକ୍ରିୟା ସୃଷ୍ଟିର ସମ୍ଭାବନା । ଏସବୁର ବୁଝାମଣା ପାଇଁ ୧୯୪୬ ଖ୍ରୀଷ୍ଟାଦ୍ଦରେ ନେହେରୁ କାଶ୍ମୀର ଗ୍ରସ୍ତ ଥିବା ବେଳେ ସେଠାକାର ରାଜାଙ୍କ ନିର୍ଦ୍ଦେଶରେ ପୁଲିସ ଦ୍ୱାରା ଗିରଫ ହୋଇଥିଲେ । ଫଳସ୍ୱରୂପ ଏହାର ପ୍ରତିବାଦ ସମଗ୍ର କାଶ୍ମୀରରେ ହରତାଳ ପାଳିତ କରାଯାଇଥିଲା ଓ ଶେଷରେ ସେ ମୁକ୍ତ ହୋଇଥିଲେ ।

ଏସବୁ ପରିପ୍ରେକ୍ଷୀରେ ରାଜ୍ୟଗୁଡିକର ପ୍ରତିନିଧିତ୍ୱର ସମସ୍ୟା ଆଲୋଚନା ଲାଗି ୧୯୪୭ ଖ୍ରୀଷ୍ଟାଦ୍ଦ ଜାନୁଆରୀ ମାସରେ ଏକ କମିଟି ଗଠନ କରାଯାଇ ନିର୍ଦ୍ଧାରଣ ହେଲାଯେ, ପ୍ରତିନିଧିମାନଙ୍କ ମଧ୍ୟରୁ ଅର୍ଦ୍ଧେକ ନିର୍ବାଚିତ ଓ ଅର୍ଦ୍ଧେକ ରାଜାଙ୍କ ଦ୍ୱାରା ମନୋନୀତ ହେବେ । ସେହି ବର୍ଷ ଏପ୍ରିଲ ମାସରେ ଅନୁଷ୍ଠିତ ପ୍ରଜା ପରିଷଦର ଗୋଆଲିଅର ସମ୍ମେଳନରେ ସାଧାରଣ ଗଣତାନ୍ତ୍ରିକ ଆନ୍ଦୋଳନରେ ଦେଶୀୟ ରାଜ୍ୟଗୁଡିକର ଜନସାଧାରଣ ସକ୍ରିୟ ଅଂଶଗ୍ରହଣ କରିବାର ବାସ୍ତବ ଚିତ୍ର ସ୍ପଷ୍ଟ ହୋଇଥିଲା । ଯାହାଫଳରେ ଦେଶରେ ଏକ । ବୈପ୍ଳବିକ ପରିସ୍ଥିତି ପରିପକ୍ୱ ଲାଭ କରିଥିଲା । ଜନସାଧାରଣଙ୍କ ସଶସ୍ତ୍ର ସଂଗ୍ରାମ ଫଳରେ ଭାରତରେ ବ୍ରିଟିଶ ସାମ୍ରାଜ୍ୟର ପ୍ରତିଷ୍ଠିତ ରାଜନୈତିକ ବ୍ୟବସ୍ଥାଯେ ସହଜରେ ଭୂଲୁଣ୍ଠିତ ହେବ , ଏଥିରେ ସନ୍ଦେହର ଅବକାଶ ନଥିଲା ।

ଭାରତମାଟିରୁ ପ୍ରତ୍ୟାବର୍ତ୍ତନ , ଭାରତ ତ୍ୟାଗ କରିବାର ଅବ୍ୟବହିତ ପୂର୍ବରୁ ନିଜର ଅଧିକାରକୁ ବଜାଏ ରଖିବାର ଶେଷ ଚେଷ୍ଟା କରିବାକୁ ଯାଇ ବ୍ରିଟିଶ ସାମ୍ରାଜ୍ୟବାଦୀମାନେ ଦେଶ ବିଭାଗ ଉପରେ ସେମାନଙ୍କ ଶେଷ ଆଶା ନ୍ୟସ୍ତ କରିଥିଲେ । ଏପ୍ରିଲ ମାସରେ ମାଉଣ୍ଟବ୍ୟାଟେନ ଭାରତରେ ପହଞ୍ଚି ଭାରତକୁ ଦୁଇଟି ଦେଶରେ ବିଭକ୍ତ କରିବାର ପରିକଳ୍ପନା କରିଥିଲେ । ତାଙ୍କ ପରିକଳ୍ପନାର ରୂପରେଖ ଥିଲା : ପ୍ରଥମତଃ ଏହି ଉପମହାଦେଶରେ ଦୁଇଟି ଡୋମିନିଅନ - ଭାରତୀୟ ପ୍ରଜାତନ୍ତ୍ର ଓ ପାକିସ୍ତାନ ପ୍ରତିଷ୍ଠିତ କରିବା । ଦ୍ୱିତୀୟତଃ ପଞ୍ଜାବ ଓ ବଙ୍ଗଳାକୁ ଧର୍ମୀୟ ଭିତ୍ତିରେ ବିଭାଗ କରିବାର ବିଷୟଟି ବ୍ୟାପକ ସଂଖ୍ୟକ ହିନ୍ଦୁ ଓ ମୁସଲମାନ ବାସିନ୍ଦାଙ୍କ ଦୃଷ୍ଟିରୁ ସଂଶିଷ୍ଟ ପ୍ରଦେଶମାନଙ୍କ ସଦସ୍ୟମାନେ ଅଲଗା ଭୋଟ ମାଧ୍ୟମରେ ନିର୍ଦ୍ଧାରଣ କରିବା । ତୃତୀୟତଃ ମୁସଲମାନ ସଂଖ୍ୟା ଗରିଷ୍ଠ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ ଓ ଆସାମର ଶ୍ରୀହଟ ଜିଲ୍ଲାରେ ଗଣଭୋଟ କରିବା । ଚତୁର୍ଥତଃ ପ୍ରାଦେଶିକ ବିଧାନ ସଭା ଭୋଟ ମାଧ୍ୟମରେ ସିନ୍ଧୁ ପ୍ରଦେଶର ଭବିଷ୍ୟତ ନିର୍ଦ୍ଧାରଣ କରାଯିବ। ପଞ୍ଚମରେ ଦୁଇଟି ଡୋମିନିଅନ ମଧ୍ୟରୁ ଯେକୌଣସି ଗୋଟିକରେ ଦେଶୀୟ ରାଜ୍ୟଗୁଡିକର ଯୋଗଦାନ ବିଷୟ ସଂଶ୍ଳିଷ୍ଟ ଦେଶୀୟ ରାଜ୍ୟର ଅକ୍ତିଆର ଭୁକ୍ତ କରିବା ଓ ଷଷ୍ଠରେ ସମ୍ବିଧାନ ସଭା ଦୁଇଟି ଡୋମିନିଅନର ଗୋଟିଏ କରି ସଂସଦକୁ ନେଇ ଗଠିତ ହେବ! ଏମାନେ ଦୁଇ ଦେଶର ଭବିଷ୍ୟତ ମର୍ଯ୍ୟାଦାର ପ୍ରଶ୍ନ ଉପରେ ଆଲୋଚନା କରିବେ ।

ବାସ୍ତବରେ ମୁସଲିମ୍ ଲୀଗ୍ ର ସମର୍ଥନ ପ୍ରାପ୍ତ ବ୍ରିଟିଶ ସରକାର ଯେକୌଣସି ମୂଲ୍ୟରେ ଦେଶ ବିଭାଗ କରିବାକୁ ଯେ ବଦ୍ଧପରିକର , ଏହା ବୁଝିବା ପରେ କଂଗ୍ରେସ ଅତିରିକ୍ତ ରକ୍ତପାତ ଏଡାଇ ନେବାପାଇଁ ମାଉଣ୍ଟବ୍ୟାଟେନ ପରିକଳ୍ପନାକୁ ଗ୍ରହଣ କରିନେଇଥିଲା ।

ଐତିହାସିକ ତଥ୍ୟାନୁସାରେ ୧୯୪୭ ଖ୍ରୀଷ୍ଟାଦ୍ଦ ଜୁନ ମାସରେ ନିଖିଳ ଭାରତ କଂଗ୍ରେସ କମିଟିରେ ୧୫୭ ବନାମ ୬୧ଟି ଭୋଟରେ ବ୍ରିଟିଶ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ସହ ମୁସଲିମ୍ ଲୀଗ୍ ବଂଗଳା ଓ ପଞ୍ଜାବକୁ ଅଖଣ୍ଡ ଅବସ୍ଥାରେ ପାକିସ୍ତାନ ଭୁକ୍ତ କରିବାକୁ ଦାବି କରିଥିଲା । ପଞ୍ଜାବ ଓ ବଙ୍ଗଳାରେ ଭୋଟଗ୍ରହଣ ବେଳେ 'ହିନ୍ଦୁ' ଇଲାକାର ସଦସ୍ୟମାନେ କଂଗ୍ରେସର ସିଦ୍ଧାନ୍ତ ଅନୁସାରେ ଏହି ଦୁଇ ପ୍ରଦେଶ ବିଭାଗର ସପକ୍ଷରେ ଓ ମୁସଲମାନ ଜିଲ୍ଲା ଗୁଡିକର ସଦସ୍ୟମାନେ ବଙ୍ଗଳା ଓ ପଞ୍ଜାବ ବିଭାଗ ବିରୋଧରେ ଭୋଟ ଦେଇଥିଲେ । ସିନ୍ଧୁ ପ୍ରଦେଶ ପରିଷଦର ଭୋଟ ଓ ଉତ୍ତର- ପଶ୍ଚିମ ସୀମାନ୍ତ ପ୍ରଦେଶ ଓ ଶ୍ରୀହଟ ଜିଲ୍ଲାର ଗଣଭୋଟର ଫଳ ଏହିସବୁ ଇଲାକାର ପାକିସ୍ତାନ ମଧ୍ୟରେ ଅନ୍ତର୍ଭୁକ୍ତ ସପକ୍ଷରେ ଯାଇଥିଲା । ଏଥିସହ ଅବ୍ ଦୁଲ ଗଫର ଖାଁଙ୍କ କେତେକ ଦାବିକୁ ମାଉଣ୍ଟବ୍ୟାଟେନ ପ୍ରତ୍ୟାଖ୍ୟାନ କରିଥିଲେ । ମୋଟ ଜନସଂଖ୍ୟାର ଶତକଡା ୧୫ଭାଗ ଭୋଟାଧିକାରୀମାନଙ୍କର ବ୍ୟାପକ ସଂଖ୍ୟା ଗରିଷ୍ଠ ଅଂଶ ଏହି ଗଣ ଭୋଟର ସପକ୍ଷରେ ଥିଲେ ।

ଭାରତୀୟମାନଙ୍କ ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ, ମୁକ୍ତିର ଆନନ୍ଦ , ସ୍ୱାଧୀନତାର ସ୍ୱପ୍ନ ସାକାର ହେଲା । ୧୯୪୭ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସ ୧୫ ତାରିଖରେ ବ୍ରିଟିଶ ପାଲିଆମେଣ୍ଟ ମାଉଣ୍ଟବ୍ୟାଟେନଙ୍କ ପରିକଳ୍ପନାକୁ ଭାରତର ସ୍ୱାଧୀନତାର ଆଇନ୍ ହିସାବରେ ଅନୁମୋଦନ ପ୍ରଦାନ କରାଯାଇ ସେହି ଅମୃତ ମାହେନ୍ଦ୍ର ବେଳାରେ ଆଇନ୍ ରେ ପରିଣତ କରାଯାଇଥିଲା । ସେହି ଦିନ ଐତିହାସିକ ଲାଲ କିଲାରେ ଜବାହରଲାଲ ନେହେରୁ ପ୍ରଥମ ଥର ପାଇଁ ଭାରତୀୟ ଗୌରବ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଭାରତୀୟ ସ୍ୱାଧୀନତା ମୁକ୍ତି ସଂଗ୍ରାମୀମାନଙ୍କର ବହୁ ଆକାଂକ୍ଷିତ ମାହେନ୍ଦ୍ର ମୁହୂର୍ତ୍ତ ଗଗନ ପବନକୁ ଜାତୀୟ ସଂଗୀତ ' ଜନଗଣ ମନଗଣ ଅଧିନାୟକ.. ଜୟ ହେ ' ପ୍ରକମ୍ପିତ କରି ଉଠିଥିଲା । ବହୁ ପୁରୁଷ ପୁରୁଷ ଧରି ବୀରତ୍ୱପୂର୍ଣ୍ଣ ସଂଗ୍ରାମର ପୂର୍ଣ୍ଣଛେଦ ଘଟି ଅବଶେଷରେ ବିଜୟ ମଣ୍ଡିତ ହେଲା । ଜାତୀୟ ବିପ୍ଳବର ଏହି ସାଫଲ୍ୟ ଠାରୁ ଭାରତ ବର୍ଷର ଇତିହାସରେ ନବ ଯୁଗର ଅୟାରମ୍ଭ ହେଲା , ସ୍ୱାଧୀନ ବିକାଶ ପର୍ଯାୟର ସୂତ୍ରପାତ ଘଟିଲା , ଯାହା ଅବିସ୍ମରଣୀୟ ଦିବସ ..!!!

ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ
ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ , କଟକ -୪
(ମୋ) ୯୪୩୭୭ ୪୦୨୮୦

ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ : ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଅଗଷ୍ଟ ପନ୍ଦର

 କ୍ଷମାନିଧି ଭୋଇ



ଅତୀବ ଐତିହ୍ୟସମ୍ପନ୍ନ ଏ ଦିବସ ।

ଆଜି ଅଗଷ୍ଟ ପନ୍ଦର
ଆଜି ଭଳି ମହାନ ଦିବସେ
ପରାଧୀନତାର ଶିକୁଳିଠୁଁ
ଆମେ ହୋଇଥିଲୁ ସ୍ୱାଧୀନ ।

ପୁନଶ୍ଚ ଜାଗିଉଠେ ଆଜି
ନିଃସ୍ୱାର୍ଥ ଦେଶ ଭକ୍ତି
ଓ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କ
ଅସୀମ ବୀରତ୍ୱ କାହାଣୀ ।

ସ୍ୱାଧୀନ ଆମ ଦେଶ
ସ୍ୱାଧୀନ ଆମ ଜାତି
ସ୍ୱାଧୀନ ଆମ ଜଳ ଜଙ୍ଗଲ ଓ ଜମି ।

ଆମେରେ ମହାନ
ଆମେ ଭାରତୀୟ
ଏକସ୍ୱରେ କରିବା ଉଚ୍ଚାରଣ
ଭାରତମାତାର ଜୟଗାନ ।

ଦେଖ, କେମିତି ସୁଉଚ୍ଚେ
ଫରଫର ଉଡ଼େ
ଆମ ଜାତୀୟ କେତନ ;
ସତରେ, ଧନ୍ୟ ଧନ୍ୟ ଏ ଦେଶ
ଧନ୍ୟ ଧନ୍ୟ ଆମେ ଏ ଦେଶ ସନ୍ତାନ ।

+ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ
ଜି : ସୁନ୍ଦରଗଡ଼ (ଓଡ଼ିଶା)
ପିନ୍ : ୭୭୦୦୧୬
ମୋ : ୯୪୩୮୨୯୨୯୩୩

With best Compliment from:-
MANAGEMENT SOCIETY, DHAMARA
FISHING HARBOUR, DHAMARA.

At:- Dhamara, Dist. Bhadrak- 756171, State: Odisha
www.dhamarafishingharbour.org, EID- manager.msdfh@gmail.com

An autonomous Society organized for management of Dhamara Fishing Harbour . The Governing Body of the Society is headed by the Commissioner-cum- Secretary to Govt. of Odisha, Deptt. of Fisheries and A.R.D.

Facilities available in the Fishing Harbour :
• Situated 3 K.Ms away from the river mouth enabling smooth sail of trawlers.
• Quality of fish is maintained to international standard by proper handling, processing, packing, icing etc.
• Two jetties having 200 mtrs. length each. Providing better facilities for landing and stacking of trawlers/vessels/boats etc.
• Repair of trawlers and vessels in the repair track and dry docking for 24 trawlers at a stretch.
• Supply of fresh water round the 'clock' to the trawlers before going for fishing and to the harbour users.
• Diesel outlet on the jetty for fuel supply.
• 12 Nos. of Ice plants in the vicinity of Dhamara for supply of quality Ice round the clock.
• Storage facilities available for trawler owners.
• Net mending yard for quick repair of nets.
• Rest house facility provided to vessel crews on rent.
• Market complex has been constructed to facilitate business require by the jetty users.
• Pre-Processing Plant for Sea Food Exporter.
• Further facilities to the entrepreneurs and exporters for storage, shorting, grading and icing are provided.
• Facilities like Chitin Plant and Cold storage are in the pipe line for construction.
Visit us at www.dhamarafishingharbour.org and we will be proud of you.

Manager,
Management Society,
Dhamara Fishing Harbour,
Dhamara.

Management Society,
Dhamara Fishing Harbour,
Dhamara.

EMail ID : manager.msdfh@gmail.com , dfo.bhadrak@gmail.com
Hello: 06784-240223, 06786-222500

DIFFERENT ONGOING SCHEMES UNDER DFO, MAYURBHANJ

| Sl No. | Name of the scheme | Type of scheme | Source of funding | unit cost | Govt. assistance | Target group |
|---|---|---|---|---|---|---|
| 1. | Mastya Pokhari Yojana | Pond excavation | State Govt. | 8.50 Lakhs/Ha. | 50% Subsidy for SC, ST & Women, 40% to OC & General | Extremely new beneficiaries |
| 2. | PMMSY (F.W) | Grow out Pond exc. | Central Govt. | 8.50 Lakhs/Ha. | 60% Subsidy for SC, ST & Women, 40% to OC & General | Extremely new beneficiaries |
| 3. | PMMSY (F.W) | Rearing Pond exc. | Central Govt. | 7.00 Lakhs/Ha. | | Extremely new beneficiaries |
| 4. | Bio-Floc (F.W) | Pisciculture in Tank | State Govt. | 1.50/3.00/4.00 Lakhs | | Extremely new beneficiaries |
| 5. | Aerator | | State Govt. | | 16000/- per unit | All categories |
| 6. | Input assistance to WSHG | Input subsidy | State Govt. | 1.50 Lakhs/H.A | 60% Subsidy for all | Only for WSHG |
| 7. | Revolving fund to WSHG | One time assistance | State Govt. | | Rs.5000/- per WSHG | WSHG engaged in pisciculture activities |
| 8. | Scholarship | One time assistance | State Govt. | | Rs. 3500/- (50% to 59%) Rs. 5000/- (60% to 69%) Rs. 7500/- (70% & above) | HSC pass students of fisherman community |
| 9. | Moped with Ice Box | Fish Marketing | State & Central | Rs.60,000/- | 60% Subsidy for SC & 40 % to others | Beneficiaries engaged in fisheries activities. |
| 10. | Auto with ice Box | Fish Marketing | State & Central | Rs.2,00,000/- | 60% Subsidy for SC & 40 % to others | Beneficiaries engaged in fisheries activities. |
| 11. | Net & Boat | Fishing | State & Central | Rs.50,000/- | 50% | Only for SC Categories engaged in fishing |

District fisheries officer
Mayurbhanj

# ସ୍ୱାଧୀନତା ଦିବସ ବିଶେଷାଙ୍କ-୨୦୨୧



## ଡ୍ରଇଂରୁମ୍‌ର ହଂସ
### ପ୍ର. ଗିରିଜା ଶଙ୍କର ଶର୍ମା



ଡ୍ରଇଂରୁମ୍‌ର ଟି'ପୟ ଉପରେ
ନୀଳ ଟେବୁଲ କ୍ଲଥର ନିବିଡତାରେ
ପହଁରୁଥାଏ ହଂସଟିଏ
କି ସୁନ୍ଦର ତାର ପକ୍ଷ !
ଚଂଚୁ ଓ ନିରୀହ ଚାହାଣୀ ।
ଅପଲକ ନୟନରେ ଅନେଇଥାଏ ସେ
ଡ୍ରଇଂରୁମ୍‌କୁ ଆସୁଥିବା ଅତିଥିଙ୍କୁ ।
ସମସ୍ତଙ୍କ ଆଖି ବୁଲିଯାଏ ତା' ଉପରେ
ଥରେ କି ଦି'ଥର ନୁହେଁ ବାରମ୍ବାର ।
କିଏ ଦୂରରୁ ଦେଖନ୍ତି ତ
କିଏ ଉଠେଇନିଅନ୍ତି ହାତରେ
ଭଲକରି ଦେଖିବାକୁ ତାର ଆପାଦ ମସ୍ତକ ।

ଡ୍ରଇଂରୁମ୍‌ର ହଂସଟି ଭାରି ସୁନ୍ଦର
ଇଷତ୍ ନାରଙ୍ଗୀ ଚଂଚୁ,
ଗୋଲ ଗୋଲ କଳା ଆଖି
ସୁନ୍ଦର ଗ୍ରୀବାରେ ତୁଳା ପରି ପର,
ଚିକ୍କଣ ଶରୀର ।
ସମସ୍ତଙ୍କୁ ଖୁସି ଦେଉଥିବା ହଂସଟି କିନ୍ତୁ
ନିହାତି ଏକାନ୍ତ ।
କାହା ସାଙ୍ଗରେ ସେ କି କଥା ହେବ ?
ଅତିଥି ନଥିଲେ ଡ୍ରଇଂରୁମ୍ ଫାଙ୍କା
ସବୁଆଡେ ନିର୍ଜନତା
ଚଟାଣ, ଚାରିକାନ୍ଥ ଓ ଛାତି ଭିତରର ପୃଥ୍ୱୀ
ନିସଙ୍ଗତାର ରାଜତ୍ୱ
ତା' ଭିତରେ ନିସଙ୍ଗ ହଂସଟି ମନକୁ ଉଡେଇନିଏ
କେବେ କେବେ କଳ୍ପନାର ଦୁନିଆରେ
ଅନନ୍ତ ଆକାଶରେ ।

କେଉଁଠି କିଏ ଥାଆନ୍ତାକି !
ଯିଏ ବୁଝିପାରନ୍ତା ତାର ମନକଥା
ତାର ହର୍ଷ ବିଷାଦ ଭରା ଦୁନିଆର କଥା
ଡ୍ରଇଂରୁମ୍‌ର ନିର୍ଜନତା,
ବନ୍ଦୀଶାଳାଠୁ କମ୍ ନୁହେଁ ।
ମୁକ୍ତିର ଚିନ୍ତାରେ ସେ ବ୍ୟାକୁଳ ।

ହଠାତ୍ କଳ୍ପନାର ଦୁନିଆରୁ ଓହ୍ଲେଇ
ହଂସଟି ନିଜକୁ ଏକା ଏକା ପାଏ
ଡ୍ରଇଂରୁମ୍‌ର ଟେବୁଲ୍ ଉପରେ ।
ଅନେକ ଆଶା ଅନେକ ସ୍ୱପ୍ନଙ୍କ
ବିକ୍ଷିପ୍ତ ଶବକୁ ପାଦରେ ଆଡେଇ
ଆଗକୁ ଯିବାକୁ ହୁଏ
ଜୀବନ ପୂର୍ବବତ୍ ଚାଲିଥାଏ ।

+ ଧାନକଉଡା, ସମ୍ବଲପୁର-୭୬୮୦୦୬,
(ମୋ) ୯୪୩୭୦୮୮୬୦୨

## ତୁ ଗଲାପରେ
### ଅଞ୍ଜଳି ପଣ୍ଡା



ତୁ ଗଲା ପରେ
ଏତେ ନିସଙ୍ଗତା
ଏତେ ଖାଲିପଣ
ଫାଙ୍କା ଫାଙ୍କା ଲାଗେ ଏ ଜୀବନ
ସବୁବେଳେ ପଡୁଥାଉ ମନେ
ମିଳେନା ନିର୍ଭେଜାଲ
ମମତ୍ୱ ବା ଆପଣା ପଣ ॥

ତୁ ଗଲା ପରେ
ଜିଭ ଆଉ ଚାଖିନି
ଉରିଆଲି ମାଛ ତରକାରୀ
ମୁକୁଳି ମାଛଭଜା
ବୁକୁ ଫୁଲି ମାଛ
ତାଟିଆବସା କି
ବରୁଆଁ ମାଛ ଚଡ଼ଚଡ଼ି,
ତୋ ରନ୍ଧାର ସ୍ୱାଦ
ଯାଇଛୁ ଛାଡ଼ି ॥

ଦୁଃଖ ବେଳେ
ଅସହାୟ ପଣରେ
ନାହିଁ ତୋ ପଣତ ପୋଛିବାକୁ ଆଖି
ନାହିଁ ପଦେ ଆହା ପଦ
କୋଳେଇ ନେବାକୁ କାହିଁ କିଏ ?
କହିବାକୁ ଏ ରାସ୍ତା ବନ୍ଧୁର
ଚାଲିବାକୁ ହେବ
ପଥ ବହୁଦୂର ॥

ଆଶ୍ୱାସନା ଦେବାପାଇଁ
ନାହିଁ ତୋ ହାତ
ପିଠି ଥାପୁଡ଼ାଇ
କହିବାକୁ, ଭାଙ୍ଗି ପଡ଼ନା ଝିଅ
ଜୀବନ ତ କଣ୍ଟାର ଶେଯ,
ବେଳେବେଳେ ଆକାଶକୁ ଚାହିଁ
ଖୋଜେ, ତୋର ସେ ଗୋଲିଆ ମୁହଁ
କାଳେ ତାରାଙ୍କ ମେଳେ
ଦିଶିଯିବ ତୋର ହସ ହସ ଆଖି ଯୋଡ଼ିକ
କହିବ ଧୈର୍ଯ୍ୟ ଧର
ବିପଦ କଟିଯିବ ॥

+ ଚୌଧୁରୀ ସାହି, ବାଲେଶ୍ୱର

## ସ୍ୱାଧୀନତା ଦିବସ
### ସୁଦର୍ଶନ ମହାପାତ୍ର



*************

ସ୍ୱାଧୀନତାର ମନ୍ତ୍ର ଉଚ୍ଚାରିବାକୁ
ଏବେ ମୋ ମୁକ୍ତିକାମୀ ଇଛା ମାନଙ୍କୁ
ମୁକ୍ତ କଲି ବଡ଼ ଉଲ୍ଲାସରେ
ସେମାନଙ୍କ ପାଇଁ ଗଗନ ପବନ ଏବେ ମୁକ୍ତ
ମୁକ୍ତ ପୁଣି ଜଳ ସ୍ଥଳ ସଚରାଚର
ସେମାନେ ଏବେ ଉଡି ପାରନ୍ତି ନିଜ ଇଛାରେ
ବିଭୋରିତ ଆକାଶରେ
ଗାଇ ପାରନ୍ତି ଉଦୟ ରାଗର ଗୀତ ।

ସତକୁ ସତ ପ୍ରତିପକ୍ଷଙ୍କ ଆସ୍ପର୍ଦ୍ଧାକୁ
ଇଛା ମାନେ ଆହ୍ୱାନ କଲେ
ପେଶ୍ କଲେ ରକ୍ତରେ ଲେଖା ଦାବିପତ୍ର
ଅସ୍ଥିମଜାଗତ ପୁରୁଣା ଅଭ୍ୟାସ ମାନେ
ସେମାନଙ୍କ ପୋଷାକ ବଦଳାଇ
ଗାଇଲେ କ୍ରାନ୍ତିର ସଙ୍ଗୀତ
ନବୀନ ପର୍ବର ପୂର୍ବ ପ୍ରସ୍ତୁତିରେ !

ସ୍ମୃତିମାନଙ୍କୁ ସଜାଇଥିଲେ
ଶାମୁକା ଗର୍ଭର ମୁକ୍ତା ପରି
ବିପ୍ଳବର ଔଜଲ୍ୟରେ
ନିଆଁଫୁଲ ପରି ଝଲସିଲେ
ମୁକ୍ତିର ମଶାଲ ଧରି
ଦୁନିଆର ଭିଡ଼ ଭିତରେ
ମଥା ସଳଖି ଚାଲିଲେ
ସବୁ ଘାତ ପ୍ରତିଘାତ ପ୍ରତିହତ କରି
ବିସ୍ତାରିତ ସୁନୀଳ ଦିଗନ୍ତରେ ପାଦ ଥାପିଲେ
ସ୍ୱାର୍ଥୀ ଆଉ ଦାମ୍ଭିକତାର ଈଶ୍ୱରମାନଙ୍କୁ
ନିର୍ବାସନରେ ପଠାଇବାକୁ
ସମାପ୍ତି ସୂଚକ ରେଖାଟିଏ ଟାଣିଲେ
ସେମାନଙ୍କ ବିଦାୟ ପର୍ବର ପରେ ପରେ
ସ୍ୱାଧୀନତା ଦିବସ ପାଳନ କଲେ
ମୁକ୍ତିର ଆନନ୍ଦରେ..!!!

+କୁଞ୍ଜବିହାରୀ ଲେନ, କଟକ

## ଶାନ୍ତିର କ୍ରାନ୍ତି ମହାନ୍
### ଧ୍ରୁବ ଚରଣ ବେହେରା



ହେ ଗାନ୍ଧିଜୀ ତୁମ ତ୍ୟାଗ ବଳିଦାନ
ମନେ ପଡେ ଗୋଟି ଗୋଟି
ବହୁ କଷ୍ଟ ସହି ସୁନାର ଭାରତ
ଦେଇ ଗଲ ସୁନା ଭେଟି ।୧।

କ୍ରାନ୍ତିର ପୁରଧା ମହାନ୍ ପୁରୁଷ
ଅହିଂସାର ମହାମନ୍ତ୍ରେ
ଜାଗାଇ ଥିଲ ଯେ ବିଦ୍ରୋହର ବହ୍ନି
ମାତୃଭୂମି ରକ୍ଷା ସୁତ୍ରେ ।୨।

ଗୋରାଙ୍କ ବିରୁଦ୍ଧେ ଦେଇଥିଲ ନାରା
କରୋ ଅବା ମରୋ ବୋଲି
ତଡା ଖାଇଗଲେ ଇଂରେଜ ଶାସକ
ପ ?ାଗଲ ହୋଇଲେ ବୁଲି ।୩।

ଉନବିଂଶ ସେହି ବୟାଳିଶ ମସିହା
ଅଗଷ୍ଟ ଏକ ତାରିଖ
ବମ୍ବେଠାରେ ଡାକି କଂଗ୍ରେସର ସଭା
ଜନତାଙ୍କୁ କଲ ଏକ ।୪।

ତୁମରି ଡାକରେ ଯୋଗ ଦେଇଥିଲେ
କୋଟି କୋଟି ଭାରତୀୟ
କ୍ରାନ୍ତି ବିଭୀଷିକା ତେଜିଲା ପ୍ରଖରେ
ଭବିଷ୍ୟତ୍ ସୁତା ଖିଅ ।୫।

ବାଧ ହୋଇଥିଲେ ଇଂରେଜ ଶାସକ
ଭାରତ ଛାଡିବା ପାଇଁ
ନ ପାରିଲେ ସହି କଠୋର ତାଡନା
ବିପ୍ଳବର ସ୍ୱର ସହି ।୬।

ହେ ରାଷ୍ଟ୍ର ନାୟକ ପରମ ପୂଜକ
ମାତୃଭୂମି ଉପାସକ
ତୁମ ସେବା ନିଷ୍ଠା କଠୋର ତପସ୍ୟା
ପୁଣ୍ୟ ଭାରତର ଟେକ ।୭।

ଦେଖିଥିଲ ସ୍ୱପ୍ନ ସ୍ୱାଧୀନ ଭାରତ
ଆନ୍ଦୋଳନ ବୀଜ ପୋତି
ପ୍ରତିଦାନେ ଦେଲ ସ୍ୱତନ୍ତ୍ରତା ରାଷ୍ଟ୍ର
ଜୀବନ୍ୟାସ ସାଥେ ଖ୍ୟାତି ।୮।

ଅଗଷ୍ଟ ମାସଟି କ୍ରାନ୍ତି ମାସ ନାମେ
ସ୍ମୃତି ହୋଇ ରହିଗଲା
ଲହୁ ଲୁହ ଭରା ଅତୀତ କାହାଣୀ
କ୍ରାନ୍ତିର ଗାଥା ଗାଇଲା ।୯।

ଅହିଂସାର ପଥେ ପାଥେୟ ହୋଇକି
ଜୀବନକୁ କଲ ଧନ୍ୟ
ସତ୍ୟ ଅନୁସରି ହେ ରାଷ୍ଟ୍ର ପୂଜାରୀ
ଶାନ୍ତିର କ୍ରାନ୍ତି ମହାନ୍ ।୧୦।

## ସ୍ୱାଧୀନତାର ଗୀତି
### ଜୟଶ୍ରୀ ପଟ୍ଟନାୟକ



ଆ,ସାଥି ! ତୋତେ ମୁଁ ପିନ୍ଧେଇଦେବି
ତ୍ୟାଗ, ଶାନ୍ତି ଆଉ ସମୃଦ୍ଧିର ପତାକା
ତୋ ମନକୁ ବାନ୍ଧିଦେବି କପୋତର ଘୁମନ୍ତ ଡେଣାରେ
ତୁ ଉଡୁଥିବୁ ଅନ୍ତରୀକ୍ଷର ନିଳିମାରେ
ଠିକ୍ ମନ ଉଡିଲାପରି ପବନର ତ୍ୱରିତ ଗତିରେ ।
ମୁଁ ବନ୍ଧୁଥିବି ଦେଶପ୍ରେମର ଦୀପାଳିରେ
ନାଲି,ନେଳି, ଧଳା ଫୁଲଙ୍କ ରଙ୍ଗ ବେରଙ୍ଗୀ ପାଖୁଡାରେ ।
ଆଙ୍କିଥିବି ସ୍ନେହ, ପ୍ରେମ, ଭାତୃବୋଧର
ହରରଙ୍ଗୀ ମୁରୁଜ ମାଟି ମା'ର ଧୂସର ପଣତରେ ।

ତୋ ମୋ ଭିତରେ ବନ୍ଧାଥିବ ଦେଶପ୍ରେମର ମଜବୁତ୍ ଡୋର
ତୋରଣ ବନ୍ଧା ସେଇ ସୁଶୀତଳ ଛାଇ ସମ୍ପର୍କର ।
ତୋ ପାଦକୁ ଧୋଇଦେବି ଗଙ୍ଗାର ପ୍ଲାବନୀରେ
ଲହଡୀ ଭାଙ୍ଗୁଥିବ ସଙ୍ଗୀତ ଦେଶ ମାତୃକାର ପୂଜାରେ ।
ଝୁମି ଝୁମି ଯାଉଥିବ ନୂପୁର ଝଙ୍କୃତ ନିକ୍କଣ
ଅଳତାର କମକୁଟ ରକ୍ତାଭ ପାଦରେ
ସ୍ୱାଧିନତାର ମଦିରା ପିଇ ଅଧରର ରକ୍ତ କରବୀ ପାଟଳରେ
ଅନୁସୃତ ଥିବ ଦେଶ ବନ୍ଦନାର ଗୀତ ।
ଦିକ୍ ଦିକ୍ ଜଳୁଥିବ ଛାତିରେ ମାଟି ଚୁମିଥିବା ଶହୀଦର ସ୍ମୃତି
ଆଖିରେ ଜଳ ଜଳ ଦିଶୁଥିବ ଅମର ଜବାନ ଜ୍ୟୋତି ।

ଦିନେ ବନ୍ଧା ପଡିଥିଲା ମୋ ଦେଶ ଫିରିଙ୍ଗିର ଶକ୍ତ ବଳୟରେ
ଟଳି ପଡିଥିଲେ ବୀର ଯୋଦ୍ଧା ରକ୍ତ ସ୍ୱାକ୍ଷର ଦେଇ
ହଜି ଯାଇଥିଲା କ୍ରାନ୍ତିକାରୀଙ୍କ ସ୍ୱପ୍ନ ମରଣ ଶେଯରେ
କେତେ ଲୁହେ ସମୁଦ୍ର ସ୍ନାନ କରିଥିଲେ ଦେଶପ୍ରେମୀ
ପ୍ରଲୋମ୍ଭିତ କରି କଳ୍ପନା ଜଳ୍ପନା ଏକତାର ଗୁନ୍ଥାମାଳରେ ।

ଆଜି ସ୍ୱାଧୀନ ହୋଇଛି ମୋ ମାଆ, ମୋ ମାଟି, ମୋ ଦେଶ
ଆ ସାଥି ! ଆ ଥରେ କାନ୍ଧକୁ କାନ୍ଧ ମିଶାଇ
ବାହୁରେ ବାହୁ ଛନ୍ଦି ରକ୍ତଜବାର ଆରକ୍ତ ଅଧରେ
ଗାଇଯିବା ଦେଶଗୀତି, ମୌସୁମୀର ଭିଜା ବେଳାରେ ।

ଏ ମାଟି ହେଉ ସ୍ୱର୍ଣ୍ଣପ୍ରସୂ, ଜାତି ହେଉ ମହାନ୍
ସୁଖରେ ଥାଆନ୍ତୁ ସଇନ ପତାକାକୁ କରି ସଲାମ
ମୋ ଦେଶ ଜଳବାୟୁରେ ଥାଉ ପ୍ରେମ ପ୍ରୀତିର ସ୍ପନ୍ଦନ
ହୃଦୟରେ ଲେଖାଥାଉ ନିଜର କରିଲା ପଣ
ଦୁଃଖ ବାଦଲରୁ ପହଁରି ଆସୁ ମଲ୍ଲୀ ମହକିତ ପବନ
ଅଙ୍ଗ ଭୂଷଣରେ ବୋଳାଥାଉ ଏ ମାଟିର ଚନ୍ଦନ ।

ମସ୍ତକେ ଶୋଭୁଥାଉ ହିମାଳୟର ତାଜ୍
ଦୂରେଇଯାଉ ମନରୁ ସ୍ୱାର୍ଥାନ୍ଧର କଥା
ଆକାଶର ନିଳାଭରେ ଉଡୁଥାଉ ତ୍ରିରଙ୍ଗା ପତାକା
କୋଟୀ ନରନାରୀଙ୍କ ମୁଖୁ ଶୁଭୁଥାଉ ଶାନ୍ତିର କଥିକା
ସବୁରି ହୃଦେ ବାଜି ଉଠୁ ଏକତାର ଗିତିକା ।

ଅମୃତମୟ, ମଧୁମୟ ହେଉ ଏ ସୁନ୍ଦର ପୃଥିବୀ
ସଭିଙ୍କର ପ୍ରୀତି ପଖଳା ନରମ ଚାହାଣୀରେ ଭରିଯାଉ
ସ୍ୱାଧିନତାର ଗୀତି, ଆଉ ଶାନ୍ତିର ପ୍ରୀତି ।

+ ଗଙ୍ଗନଗର,ଭୁବନେଶ୍ୱର, ୭୯୭୮୧୧୦୪୭୪

## ଭାରତ ମା'ର ଟେକ
### ନଗେନ୍ଦ୍ର ନାଥ ପଟ୍ଟନାୟକ



ଜାତୀୟ ଧ୍ୱଜାର ତିନିରଙ୍ଗ ପରା
କେଶରୀ, ସବୁଜ, ଧଳା
ସାହସ, ବୀରତ୍ୱ, ସତ୍ୟ, ଶାନ୍ତି ବାର୍ତ୍ତା
ଖେଳିଯାଏ ଦେଶସାରା ।

ଏଇ ନେତ ଆମ ଉଡେ ଫରଫର
ଆକାଶରେ ଛାତିପାତି
ଭାତୃତ୍ୱ ବନ୍ଧନେ ଛନ୍ଦି ସବୁରିଙ୍କୁ
ଗାଏ ସମତାର ଗୀତି ।

ଭାରତ ମା'ର କୀରତିର ଆଭା
ଦିଶେ ଦାଉଦାଉ ହୋଇ
ଦେଶପ୍ରେମ ପ୍ରୀତି ଜାଗିଉଠେ ହୃଦେ
ସ୍ୱାଧୀନତା ଭାବ ନେଇ ।

ସବୁଜ ରଙ୍ଗରେ ଚବିଶଟି ଅର
ଧର୍ମଚକ୍ର ନାମ ବହି
ପ୍ରଗତିର ନାମ ଏକତା ବାରତା
ମଧ୍ୟ ଭାଗେ ସ୍ଥାନ ପାଇ ।

ଜାତୀୟ ପତାରା ସବୁରି ପରାଣ
ଭାରତ ମା'ର ଟେକ
ଜାତୀୟ ସଙ୍ଗୀତ ଗାଇବା ସରବେ
ରହି ତା'ର ତଳେ ଏକ ।

+ ୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଭାରତ ମାତାର ଜୟ
### ଆଦ୍ୟାଶା ମହାପାତ୍ର**

ଆକାଶ ବକ୍ଷରେ ଜାତୀୟ ପତାକା
ଫରଫର ଉଡେ ଆଜି
କହେ ସଂଗ୍ରାମର ଅସୁମାରୀ ଗାଥା
ଇତିହାସ ସ୍ମୃତିରାଜି ।।

ମଥା ଉଚ୍ଚାକରି ସମ୍ମାନ ଜଣାଅ
ଗାଅରେ ବନ୍ଦନା ତା'ର
ଜନ ଗଣ ମନ ଅଧିନାୟକ ହେ
ସୌଭାଗ୍ୟର ସୂତ୍ରଧର ।।

କୋଟି ଭାରତୀୟ ପ୍ରାଣର ସ୍ପନ୍ଦନ
ଦେଶର ମଉଡମଣି
ଫିରିଙ୍ଗି ସହିତ ଅହିଂସା ଯୁଦ୍ଧରେ
ସ୍ୱାଧୀନତା ଦେଲେ ଆଣି ।।

ଧନ୍ୟ ବାପୁଜୀ ଭଗତ ନେତାଜୀ
ଧନ୍ୟ ସେ ସଂଗ୍ରାମୀ ବୀର
ସ୍ୱାଧୀନତା ପାଇଁ ବଳିଦାନ ଦେଇ
ରହିଲେ ଚିର ଅମର ।।

ପ୍ରତି କଣ୍ଠେ ଆଜି ଶୁଭୁ ଶାନ୍ତି ମୈତ୍ରୀ
ଅହିଂସାର ବୀଜମନ୍ତ୍ର
ଜାତୀୟ ସଂଗୀତ ମୁଖରିତ ହେଉ
ଉଡୁ ତ୍ରିରଙ୍ଗାର ଜୈତ୍ର ।।

ସାର୍ବଭୌମତ୍ୟର ଜୟଗାନ ହେଉ
ଆଜି ଏ ପବିତ୍ର ଦିନେ
ଦେଶ ପ୍ରେମ ଆଉ ଏକତାର ଭାବ
ଜାଗି ଉଠୁ ସବୁ ମନେ ।।

+ ଶୈଳବାଳା ମହାବିଦ୍ୟାଳୟ,କଟକ

## କବିତା ମୁଁ ସ୍ୱାଧୀନ ଦେଶର ଜନତା
### ଝରଣା ବାରିକ



ମୁଁ ସ୍ୱାଧୀନ ଦେଶର ଜନତା
କାଟି ପିନ୍ଧି କୁଟି ଖାଇବାକୁ ମୋର
ନାହିଁ ଯମା ଏଠି କ୍ଷମତା

ମୁଁ ସ୍ୱାଧୀନ ଦେଶ ର ଜନତା
ଚାଷ ରେ ମନ ମୋ ଲାଗେନାହିଁ ଯମା
ଟଙ୍କାରେ କିଲୋ ଟେ ଖାଉଥା,

ମୁଁ ସ୍ୱାଧୀନ ଦେଶ ର ଜନତା
ନାରୀ ଟିଏ ଏଠି ସୁରକ୍ଷିତ ନୁହେଁ
ଉପାଧି ପାଏସେ ଧର୍ଷିତା

ମୁଁ ସ୍ୱାଧୀନ ଦେଶ ର ଜନତା
ଯା ପାଖରେ ଟଙ୍କା ସିଏ ଏଠି ନେତା
ଚାମଚା ଗିରି ତୁ କରୁଥା

ମୁଁ ସ୍ୱାଧୀନ ଦେଶର ଜନତା
ଜାତୀୟ ସଂଗୀତ ମନେ ମନେ ଗାଇ
ସ୍ୱାଧୀନ ଦିବସ ପାଳୁଥା

ମୁଁ ସ୍ୱାଧୀନ ଦେଶର ଜନତା
ନିଜ ଅଧିକାର ପାଇବା ପାଇଁ କି
ନିଇତି ସାଲିସ୍ କରୁଥା ।
ମୁଁ ସ୍ୱାଧୀନ ଦେଶର ଜନତା
ମୁଁ ସ୍ୱାଧୀନ ଦେଶର ଜନତା

+ ସମଲ, ତାଳଚେର, ଅନୁଗୋଳ

## ସ୍ୱାଧୀନ ଦେଶର ସନ୍ତାନ ଆମେରେ
### ନିରାକାର ଚଇନି



ଆସିଛିରେ ଭାଇ ଅଗଷ୍ଟ ପନ୍ଦର
ଆମ ସ୍ୱାଧୀନତା ଦିବସ
ତ୍ରିରଙ୍ଗା ପତାକା ଉଡ଼େଇଦେବାରେ
ନବସିକି ହୋଇ ବିବଶ ।
ଉଣେଇଶ'ସତ ଚାଳିଶ ମସିହା
ଆଜି ପରି ଶୁଭ ଲଗନେ
ବିଦେଶୀ ଶାସନ ହଟେଇ ଦେଶରୁ
ହଜିଥିଲୁ ମିଠା ସପନେ ।
ଜାତି ଧରମର ଭେଦାଭେଦ ଭୁଲି
ସଭିଏଁ କରିଲୁ ଶପଥ
ଏକ ମନ ହୋଇ ଚଳିବୁ ଏକାଠି
ମନରେ ନରଖି କପଟ ।
ଜ୍ଞାନ ବିଜ୍ଞାନର ପ୍ରଦୀପ ଜଳେଇ
ଦେଶକୁ ନେବୁରେ ଆଗେଇ
ଯାହା ଅସଜଡ଼ା କରିଛି ଫିରିଙ୍ଗି
ତୁରନ୍ତ ଦେବୁରେ ବାଗେଇ ।
ସ୍ୱାଧୀନ ଦେଶର ସନ୍ତାନ ଆମେରେ
ଦୁନିଆକୁ କହି ଗରବେ
'ଜନ ଗଣ ମନ' ଜାତୀୟ ସଙ୍ଗୀତ
ଗାଇବୁ ତୁଣ୍ଡରେ ସରବେ ।

+ ଶିକ୍ଷକ, ସୁବୁଦ୍ଧିସାହି ପ୍ରାଥମିକ
ବିଦ୍ୟାଳୟ ଗୋଲାବନ୍ଧ ତେଲକୋଇ
କେନ୍ଦୁଝର-୮୪
ମୋ-୮୨୪୯୩୮୭୯୭୩

## ସ୍ୱାଧୀନତାର ମୂଲ୍ୟ
### ଅମରନାଥ ବାରିକ୍



ରକତର ସୁଅ ବହିଛି ଅନେକ
ଗୁଳାବାରୁଦ ଛୁଟାଇ
ସ୍ୱାଧୀନତା ସେନା ସହୀଦ ହୋଇଲେ
ବନ୍ଦେ ମାତରମ୍ ଗାଇ ।
ଏଇ ସ୍ୱାଧୀନତା ପାଇଁ
କାନ୍ଦିଛି ନିରୀହ ପରାଣ ବିକଳେ
ପୁତ୍ର ଶବ ମାତା ପାଇ ।

ଭାରତ ମାତର ଅଶ୍ରୁ ନିଗାଡ଼ିଛି
ବୀର ସହିଦଙ୍କୁ ଦେଖି
ରକ୍ତବୁଡ଼ା ସେହି ତ୍ରିରଙ୍ଗା ପତାକା
ଆଉ ପୁଣି ଚିରା ଖାକି ।
ବୁଜିଦେଲେ ଯେବେ ଆଖି
ଦେଖାଇ ଆମକୁ ନବୀନ ପ୍ରଭାତ
ଶୁଳିରେ ଶିରକୁ ରଖି ।

ଅନ୍ୟାୟ ଦୁର୍ନୀତି ଫିରିଙ୍ଗି ଶାସନ
ଗୋରାଙ୍କୁ କରି ଦମନ
ବିଜୟ କରିଲେ ଭାରତକୁ ଆମ
ଦେଶପ୍ରାଣ ବୀର ସୈନ୍ୟ ।
ହୋଇଲୁ ଯେବେ ସ୍ୱାଧୀନ
ଅନୁସୃତ ସୂତ୍ର ସମଷ୍ଟିରେ ଗଢ଼ା
ଲେଖା ହେଲା ସମ୍ବିଧାନ ।

ଆସିଛି ସେ ଦିନ ସ୍ମରଣ କରିବା
ସେହି ମହାପୁରୁଷଙ୍କୁ
ଉର୍ଦ୍ଧରେ ରଖିବା ତାଙ୍କ ଟେକ ଆଉ
ଆମ ତ୍ରିରଙ୍ଗା ଝଣ୍ଡାକୁ ।
ଶକ୍ତିଶାଳୀ କରିବାକୁ
ଆମ ଦେଶ ଆମ ହାତରେ ଗଢିବା
ଗାଇ ଜାତୀୟ ଗୀତକୁ ।

ଶାନ୍ତି ମୈତ୍ରୀ ଆଉ ପ୍ରଗତି ପ୍ରତୀକ
ପବିତ୍ର ପତାକା ଧରି
ଏକତ୍ରିତ ହୋଇ କରିବା ସଂକଳ୍ପ
ପୁଷ୍ପ ମାଲ୍ୟାର୍ପଣ କରି ।
ପୁଲକରେ ପ୍ରାଣ ଭରି
ମହାତ୍ମାଙ୍କ ସ୍ୱପ୍ନ ପୂରଣ କରିବା
ରାମରାଜ୍ୟ ସୃଷ୍ଟିକରି ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
(ମୋ)୯୫୪୦୩୦୮୦୯୫

# ସ୍ୱାଧୀନତା ଦିବସ ବିଶେଷାଙ୍କ-୨୦୨୧



# ମହାତ୍ମା ଗାନ୍ଧୀ : ବିଶ୍ୱ ମାନବବାଦର ପ୍ରତୀକ

**ଅଧ୍ୟାପକ ଶରତ କୁମାର ଦାସ**



ସମଗ୍ର ପୃଥିବୀରେ ବିଶେଷକରି ବିଗତ ଶତାବ୍ଦୀରେ ଜଣେ ମାତ୍ର ମଣିଷ ଥିଲେ ଯାହାଙ୍କୁ ସମଗ୍ର ବିଶ୍ୱ ମହାତ୍ମା ଗାନ୍ଧୀ ନାମରେ ଜାଣେ । ସତ୍ୟ ଓ ଅହିଂସାର ଆଜୀବନ ପୂଜାରୀ ଗାନ୍ଧୀଜୀଙ୍କୁ ଶତାବ୍ଦୀର ସର୍ବକାଳୀନ ଶ୍ରେଷ୍ଠ ମହାମାନବ ବୋଲି କହି ତାଙ୍କୁ ସମ୍ମାନର ସୁମନ ଅଜାଡି ଦିଆଯାଏ ଅବାଧରେ । ସେ ଏ ଭଳି ଜଣେ ବ୍ୟକ୍ତିତ୍ୱ ଯିଏକି ସକଳ ତର୍କ ବିତର୍କ , ବିଚାରଧାରା ଏବଂ ସର୍ବୋପରି ସକଳ ଶତ୍ରୁତା ଓ ମିତ୍ରତାରୁ ଥିଲେ ବହୁ ଉର୍ଦ୍ଧ୍ୱରେ। ସବୁ ସମାଲୋଚନା ଓ ମତଭେଦର ସୀମା ବାହାରେ ଥିଲେ ସେ। ସେ ହିଁ ଜଣେ ମାତ୍ର ବାପୁଜୀ ଯିଏକି ସମସ୍ତଙ୍କର ପ୍ରିୟ ଓ ଆଦର୍ଶ । ଏପରିକି ତାଙ୍କ ବିଚାରଧାରା ଓ ଆଦର୍ଶକୁ ବିରୋଧ କରୁଥିବା ଲୋକମାନେ ମଧ୍ୟ କେଉଁଠି ନା କେଉଁଠି ଗାନ୍ଧୀଜୀଙ୍କ ନିକଟରେ ନତମସ୍ତକ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ବୈଚାରିକ ଭାବରେ ଗାନ୍ଧୀଙ୍କୁ ବିରୋଧ କରିଆସୁଥିବା ସଂଗଠନଗୁଡିକ ମଧ୍ୟ ତାଙ୍କ ଆଦର୍ଶ ନିକଟରେ ଶରଣାପନ୍ନ । ଯଥାର୍ଥରେ ଆଲବର୍ଟ ଆଇନଷ୍ଟାଇନଙ୍କ ଉକ୍ତିକୁ ଉଦ୍ଧାର କରି କୁହାଯାଇପାରେ ଯେ- 'ଆଗାମୀ ବଂଶଧରମାନେ କ୍ୱଚିତ ବିଶ୍ୱାସ କରିବେ କି ଗାନ୍ଧୀଜୀଙ୍କ ପରି ଜଣେ ରକ୍ତମାଂସଧାରୀ ଏପରି ଏକ ମନୁଷ୍ୟ ଏକଦା ପୃଥିବୀ ପୃଷ୍ଠରେ ବିଚରଣ କରୁଥିଲେ ।'

ମହାତ୍ମା ଗାନ୍ଧୀ କେବଳ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାରଥୀ ନଥିଲେ, ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନଶୀଳତାର ସେ ଥିଲେ ଚିର ଜାଜ୍ୱଲ୍ୟମାନ ପ୍ରତୀକ । ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ପଥ ପ୍ରଦର୍ଶନ କରିବା ସହିତ ସେ ଆରମ୍ଭ କରିଥିଲେ ଆଜୀବନ ସଂଗ୍ରାମ । ନାରୀ ସ୍ୱାଧୀନତା ଓ ଜାଗରଣର ସେ ଥିଲେ ଜଣେ ଅମ୍ଳାନ ବାର୍ତ୍ତାବହ । ସ୍ୱଦେଶୀ ମନ୍ତ୍ରର ସେ ଥିଲେ ଶାଶ୍ୱତ ପ୍ରଚାରକ । ସମାଜରୁ ଛୁଆଁ ଅଛୁଆଁ ଭେଦଭାବ ଦୂର କରି ସାମ୍ୟ, ମୁକ୍ତି ଓ ମୈତ୍ରୀର ଦୂରଦର୍ଶୀ ସନ୍ଦେଶ ଦେଇଥିଲେ ସେ । ମାନବବାଦର ଅମୃତ ରାଗିଣୀରେ ସମଗ୍ର ବିଶ୍ୱକୁ ଆହ୍ଲାଦିତ କରିଥିଲେ ମହାତ୍ମା ଗାନ୍ଧୀ ।

ସମୟାନୁବର୍ତ୍ତିତା ଓ ସ୍ୱଚ୍ଛତାର ପକ୍ଷଧର ରୂପେ ସମଗ୍ର ବିଶ୍ୱକୁ ଗାନ୍ଧୀଜୀ ଅଜାଡି ଦେଇଥିଲେ ମୂଲ୍ୟବୋଧଯୁକ୍ତ ଏକ ପୁଷ୍ପିତ ସକାଳର ନବ ଆଲୋକ । ଜାତି, ଧର୍ମ, ବର୍ଣ୍ଣ, ଓ ଭାଷାକୁ ନେଇ ସୃଷ୍ଟି ହୋଇଥିବା ଅସହିଷ୍ଣୁତାର ସେ ଥିଲେ ଜଣେ କଠୋର ସମାଲୋଚକ । ନୈତିକତା ଓ ମୂଲ୍ୟବୋଧ ସମ୍ବଳିତ ରାଜନୀତିର ସେ ଥିଲେ ଦୃଢ ସମର୍ଥକ । ନୀତିହୀନ ରାଜନୀତିକୁ ସେ ସର୍ବାଗ୍ରେ ଘୃଣା କରୁଥିଲେ । ସେ ରାଜନୀତି ଓ ଆଧ୍ୟାତ୍ମିକତା ମଧ୍ୟରେ ସମନ୍ୱୟ ସ୍ଥାପନ କରିଥିଲେ । ଯଥାର୍ଥରେ କହିଲେ ରାଜନୀତିକୁ ଆଧ୍ୟାତ୍ମିକୀକରଣ କରି ଏହାକୁ ସତ୍ୟ ଓ ନ୍ୟାୟ ମାର୍ଗରେ ପରିଚାଳନା କରିବା ପାଇଁ ଗାନ୍ଧୀଜୀ ଚାହୁଁଥିଲେ ।

ଗାନ୍ଧୀଜୀ ଥିଲେ ସେହି ବ୍ୟକ୍ତି ଯିଏ କି ଲକ୍ଷ୍ୟ ଅପେକ୍ଷା ମାଧ୍ୟମ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ । ତାଙ୍କ ମତରେ ଯଥାର୍ଥ ମାଧ୍ୟମ ହିଁ ଯଥାର୍ଥ ଲକ୍ଷ୍ୟ ଧାର୍ଯ୍ୟ କରେ । ମାଧ୍ୟମ ନୀତିହୀନ ହେଲେ ଲକ୍ଷ୍ୟ ମଧ୍ୟ ନୀତିହୀନ ହୁଏ । ପାପାର୍ଜିତ ଧନରେ ମନ୍ଦିର ପ୍ରତିଷ୍ଠା କଲେ ସେ ମନ୍ଦିରରେ ଦେବତା ରୁହନ୍ତି ନାହିଁ ବୋଲି ସେ କହୁଥିଲେ । କୌଣସି ହିଂସାତ୍ମକ ପନ୍ଥାରେ ସମାଜରୁ ଅନୀତି ବା ଅନ୍ୟାୟ ଦୂର କରାଯାଇ ପାରେ ନାହିଁ ।ତେଣୁ ସେ ସମଗ୍ର ବିଶ୍ୱକୁ ଆଦର୍ଶ ଓ ଉତ୍ତମ ଲକ୍ଷ୍ୟ ନିମନ୍ତେ ଆଦର୍ଶ, ସତ୍ ଓ ଉତ୍ତମ ମାଧ୍ୟମ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ ।

ଗାନ୍ଧୀଜୀ ସମଗ୍ର ମାନବ ଜାତିର ସେବକ ଥିଲେ ଓ ସମଗ୍ର ମାନବ ଜାତି ପ୍ରତି ତାଙ୍କର ଅଗାଧ ସ୍ନେହ ଓ ଶ୍ରଦ୍ଧା ଥିଲା । ଭଗବତ୍ ସତ୍ତାକୁ ଅନୁସରଣ କରିବା ଓ ସମସ୍ତ ପ୍ରତିବନ୍ଧକକୁ ଜୟ କରିବା ତଥା ଏଥିପାଇଁ ପ୍ରେମ ଓ ଅହିଂସା ମାର୍ଗ ଗ୍ରହଣ କରିବାକୁ ସମଗ୍ର ମାନବ ସମାଜକୁ ସେ ପରାମର୍ଶ ଦେଇଥିଲେ । 'ଭଗବାନ ହିଁ ସତ୍ୟ' ପରିବର୍ତ୍ତେ 'ସତ୍ୟ ହିଁ ଭଗବାନ' ବୋଲି କହୁଥିଲେ । ସତ୍ୟ ଓ ନୈତିକତା ବଳରେ ମଣିଷକୁ ପରିବର୍ତ୍ତନ କରାଯାଇପାରିବ ବୋଲି ସେ କହୁଥିଲେ । ମଣିଷର ଶକ୍ତି ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିଲା । କିଛି ମଣିଷ ଖରାପ ହେଲେ ଯେ ସମସ୍ତ ମାନବ ସମାଜ ଖରାପ ଏଭଳି ଭାବିବା ଆଦୌ ଠିକ୍ ନୁହେଁ ବୋଲି ସେ ମତପୋଷଣ କରିଥିଲେ ।

ଗାନ୍ଧୀଜୀ ଜଣେ ସର୍ବକାଳୀନ ସତ୍ୟାଗ୍ରହୀ ଥିଲେ । ତେଣୁ ସେ ସତ୍ୟାଗ୍ରହ ବା ସତ୍ୟ ପ୍ରତି ଆଗ୍ରହ ରଖିବାକୁ ସମଗ୍ର ମାନବ ସମାଜକୁ ବାର୍ତ୍ତା ପ୍ରେରଣ କରିଥିଲେ । ସାମାଜିକ ସମସ୍ୟାବଳୀର ଯଥାର୍ଥ ସମାଧାନ ପାଇଁ ସଂଗଠିତ ଭାବରେ ସତ୍ୟାଗ୍ରହ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ସତ୍ୟାଗହୀ ଜଣେ ସାଧୁ ଓ ସଂଯମୀ । ଏହା ଦୁର୍ବଳର ଅସ୍ତ୍ର ନୁହେଁ । ବରଂ ସବଳର ଅସ୍ତ୍ର ବୋଲି ସେ କହୁଥିଲେ । ଦକ୍ଷିଣ ଆଫ୍ରିକାରେ ସେ ସର୍ବ ପ୍ରଥମେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରି ଗୋରା ସରକାରଙ୍କୁ ମୁହଁ ତୋଡ୍ ଜବାବ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ସତ୍ୟାଗ୍ରହର କୌଶଳ ପ୍ରୟୋଗ କରି ସଫଳ ହୋଇଥିଲେ । ସଂକ୍ଷେପରେ କହିଲେ ଗାନ୍ଧୀଜୀ ଜାତୀୟ ଜୀବନକୁ ସତ୍ୟ ଓ ଅହିଂସା ମାର୍ଗରେ ପ୍ରତିଷ୍ଠିତ କରିବାକୁ ଚାହିଁଥିଲେ।

ଅହିଂସା ତାଙ୍କ ଜୀବନର ଅନନ୍ୟ ବ୍ରତ ଥିଲା । ତାଙ୍କ ମତରେ ବିପ୍ଳବର ଧାରା ଅହିଂସା ମାର୍ଗରେ ପରିଚାଳିତ ହେବା ଉଚିତ । ସେ କଥା, କାର୍ଯ୍ୟରେ ଓ ଚିନ୍ତାରେ ସଂପୂର୍ଣ୍ଣ ହିଂସାର ବିରୋଧୀ ଥିଲେ । ସତ୍ୟ ଓ ଅହିଂସା ବଳରେ ରାଜନୈତିକ, ସାମାଜିକ, ଓ ଅର୍ଥନୈତିକ ପରିବର୍ତ୍ତନ ଆଣି ଏକ ନୂଆ ସମାଜର ସ୍ୱପ୍ନ ଦେଖିଥିଲେ ଗାନ୍ଧୀଜୀ । ଏହି ଅହିଂସାର ପଥ ଅନୁକରଣ କରି ପ୍ରବଳ ପରାକ୍ରମୀ ବ୍ରିଟିଶ ଶାସନକୁ ଭାରତରୁ ହଟାଇ ପାରିଥିଲେ । ସ୍ୱରାଜ ଓ ସ୍ୱଦେଶୀ ମନ୍ତ୍ରକୁ ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ପ୍ରଚାର କରି ସେ ନବ ଉନ୍ମାଦନା ସୃଷ୍ଟି କରିଥିଲେ । ସ୍ୱଦେଶୀ ବାର୍ତ୍ତା ମାଧ୍ୟମରେ ସ୍ୱବଲମ୍ବନଶୀଳତା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଥିଲେ ସେ । ତାଙ୍କ ରଚିତ ପୁସ୍ତକ 'ହିନ୍ଦୁ ସ୍ୱରାଜ୍ୟ' ରେ ସ୍ୱରାଜକୁ ଏକ ଜାତିର ଆତ୍ମା ବୋଲି ପ୍ରକାଶ କରିଥିଲେ । ସର୍ବୋଦୟ ଗାନ୍ଧୀ ଦର୍ଶନର ଅନ୍ୟ ଏକ ମୌଳିକ ଉପାଦାନ । ସର୍ବ ଓ ଉଦୟର ମିଶ୍ରଣରେ ସର୍ବୋଦୟ ସୃଷ୍ଟି ।ସମସ୍ତଙ୍କ ଉଦୟ ବା ଉତ୍ଥାନ ଏହାର ଲକ୍ଷ୍ୟ। ଗାନ୍ଧୀଜୀ ସର୍ବପ୍ରଥମେ ୧୯୦୪ ମସିହାରେ ସର୍ବୋଦୟ ଶବ୍ଦ ବ୍ୟବହାର କରିଥିଲେ । ସମସ୍ତଙ୍କର ଭଲ ବା ମଙ୍ଗଳ ଏହାର ଲକ୍ଷ୍ୟ ଥିଲା ଗାନ୍ଧୀ ସର୍ବୋଦୟ ମାଧ୍ୟମରେ ସମାଜର ସମସ୍ତଙ୍କର ମଙ୍ଗଳ ଚାହୁଁଥିଲେ । ସର୍ବୋଦୟ ସମଗ୍ର ମାନବ ଜାତିକୁ ନୈତିକ ନ୍ୟାୟ ପ୍ରଦାନ କରିବ ବୋଲି ତାଙ୍କର ଧାରଣା ଥିଲା । ତାଙ୍କର ସର୍ବୋଦୟ ମାନବବାଦ ଓ ସମାଜବାଦର ଏକ ସମିଶ୍ରଣ ଥିଲା ।

ଆଜି ଆମେ ଗଣତନ୍ତ୍ରର ଏକ ସୀମିତ ଅର୍ଥରେ ରହିଯାଇଛୁ । ଯାହାକି ଜନସାଧାରଣ ନିଜ ପସନ୍ଦରେ ସରକାର ବାଛିବେ ଏବଂ ସରକାର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ସମ୍ମାନ ଦେଇ କାର୍ଯ୍ୟ କରିବେ । କିନ୍ତୁ ମହାତ୍ମା ଗଣତନ୍ତ୍ରର ଅସଲ ଶକ୍ତି ଉପରେ ଗୁରୁତ୍ୱ ଦେଇଥିଲେ । ସେ ସେହି ମାର୍ଗ ଦେଖାଇଥିଲେ ଯେଉଁଥିରେ ଲୋକମାନେ ଶାସନ ଉପରେ ନିର୍ଭରଶୀଳ ନହୋଇ ସ୍ୱାବଲମ୍ବନଶୀଳ ହୋଇପାରିବେ । ଗାନ୍ଧୀଜୀ ଏପରି ଏକ ସାମାଜିକ ବ୍ୟବସ୍ଥା ସଂପର୍କରେ ମତବ୍ୟକ୍ତ କରିଥିଲେ ଯାହା ସରକାରଙ୍କ ଉପରେ ନିର୍ଭରଶୀଳ ହୋଇନଥିବ। ଗାନ୍ଧୀ ପରିବର୍ତ୍ତନ କଥା କହିଥିଲେ । ଲୋକମାନଙ୍କ ଅନ୍ତର୍ଶକ୍ତିକୁ ଜାଗ୍ରତ କରି ସେମାନଙ୍କୁ ନିଜ ଭିତରେ ପରିବର୍ତ୍ତନ ଆଣିବାକୁ ସଚେତନ କରାଇଥିଲେ । ସ୍ୱାବଲମ୍ବନଶୀଳତାର ମୂଳତତ୍ତ୍ୱକୁ ନେଇ ଆଗକୁ ବଢିବାକୁ ଚାହିଁଥିଲେ ।

ମହାତ୍ମା ଗାନ୍ଧୀ କହୁଥିଲେ ତାଙ୍କ ଜୀବନ ହିଁ ତାଙ୍କର ବାର୍ତ୍ତା । ସେ କେବେ ହେଲେ ନିଜ ଜୀବନ ଦ୍ୱାରା ପ୍ରଭାବ ବିସ୍ତାର କରିବାକୁ ଚାହୁଁ ନଥିଲେ । କିନ୍ତୁ ତାଙ୍କ ଜୀବନ ହିଁ ପ୍ରେରଣାର ଉତ୍ସ ସାଜିଥିଲା । ଆଜି ଆମେ କିଭଳି ଅନ୍ୟକୁ ପ୍ରଭାବିତ କରିବା ନ୍ୟାୟରେ ବଂଚୁଛୁ ,କିନ୍ତୁ ଗାନ୍ଧୀଜୀଙ୍କ ଦର୍ଶନ ଥିଲା-'କିଭଳି ଅନ୍ୟକୁ ପ୍ରେରଣା ଯୋଗାଇବା ।' ଆତ୍ମନିର୍ଭରଶୀଳତା ତାଙ୍କ ଦର୍ଶନର ଏକ ଅନନ୍ୟ ବିଭବ ।

ମଣିଷକୁ ଆତ୍ମନିର୍ଭରଶୀଳ କରିବାପାଇଁ ସେ କୁଟୀରଶିଳ୍ପ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ। ଏହାଦ୍ୱାରା ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ ମତପୋଷଣ କରିଥିଲେ ।

ଗାନ୍ଧୀଜୀ ଭାରତରେ ଜନ୍ମ ହୋଇଥିଲେ ସତ ମାତ୍ର ନିର୍ଦ୍ଦିଷ୍ଟ ସୀମିତ ଭୌଗୋଳିକ ସୀମାରେଖା ତାଙ୍କୁ ବାନ୍ଧି ପାରିନଥିଲା । ସେ ଥିଲେ ସମଗ୍ର ବିଶ୍ୱର ଆତ୍ମା ଓ ମାନବବାଦର ଶ୍ରେଷ୍ଠ ପୃଷ୍ଠପୋଷକ । ଆମେରିକାର ରାଷ୍ଟ୍ରପତି ଜର୍ଜ ମାର୍ଶଲଙ୍କ ମତରେ- "ମାହାତ୍ମା ଗାନ୍ଧୀ ମାନବ ସମାଜର ବିବେକର ପ୍ରତୀକ ଅଟନ୍ତି ।" ଇତିହାସରେ ଏହା ବିରଳ ଯେ ଶାସନ ସହିତ କୌଣସି ସମ୍ପର୍କ ନଥିବା ଜଣେ ବ୍ୟକ୍ତି ସତ୍ୟ ଅହିଂସାର ଶକ୍ତିରେ ଶହ ଶହ ବର୍ଷର ପୁରୁଣା ସାମ୍ରାଜ୍ୟକୁ କେବଳ ଦୋହଲାଇ ଦେଇନଥିଲେ, ବରଂ ଅନେକ ଲୋକଙ୍କ ମଧ୍ୟରେ ଦେଶଭକ୍ତିର ଭାବ ଜାଗ୍ରତ କରିବାରେ ସକ୍ଷମ ହୋଇ ପାରିଥିଲେ । ଯଥାର୍ଥରେ ସେ ଜଣେ ଏଭଳି ବ୍ୟକ୍ତିତ୍ୱ ଥିଲେ ଯେ କ୍ଷମତା ଠାରୁ ବହୁ ଦୂରରେ ଥାଇ ମଧ୍ୟ ଆଜି ପର୍ଯ୍ୟନ୍ତ ଲୋକଙ୍କ ହୃଦୟରେ ଅଛନ୍ତି ଓ ଆସନ୍ତା କାଲି ବି ରହିବେ । ତାଙ୍କୁ ଯେତେ ଆକ୍ଷେପ ଓ ସମାଲୋଚନା କଲେ ବି ତାଙ୍କ ଆଦର୍ଶର ନା ମୃତ୍ୟୁ ଅଛି ନା ହୋଇପାରିବ । ତାଙ୍କ ଦର୍ଶନ ଚିର ଦେଦୀପ୍ୟମାନ ।

ଗାନ୍ଧୀବାଦ ସାର୍ବଜନୀନ ଓ ସର୍ବକାଳୀନ । ତାଙ୍କ ଚିନ୍ତାର ଆଧାର ଥିଲା ଭାରତୀୟ ଆଧ୍ୟାତ୍ମିକତା ଓ ଆଦର୍ଶବୋଧ । ତାଙ୍କ ଆଚରଣ ଓ ଉଚ୍ଚାରଣରେ ସମଂଜସ୍ୟ ଥିଲା ବୋଲି ତ ସେ ମହାତ୍ମା । ସତ୍ୟ, ଶାନ୍ତି, ଅହିଂସା, ଦୟା, କ୍ଷମା ପ୍ରଭୃତି ଦିବ୍ୟ ଗୁଣାବଳୀଗୁଡିକୁ ପ୍ରଥମେ ସେ ନିଜ ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରୟୋଗ କରିଥିଲେ । ବିଶ୍ୱାସ ଯୋଗ୍ୟ ନହେଲେ ବି ସତ୍ୟ ଏହି କି ଯେ ବିଶ୍ୱରେ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କୁ ଗାନ୍ଧୀଜୀ କେବେ ବି ଭେଟି ନାହାଁନ୍ତି, ତଥାପି ସେମାନେ ମହାତ୍ମା ଗାନ୍ଧୀଙ୍କୁ ନିଜ ନିଜ ଜୀବନରେ ଆଦର୍ଶ ରୂପେ ଗ୍ରହଣ କରିଥିଲେ । ମାର୍ଟିନ ଲୁଥର କିଙ୍ଗ ଜୁନିୟର ହୁଅନ୍ତୁ ବା ନେଲସନ ମଣ୍ଡେଲା ହୁଅନ୍ତୁ ସେମାନଙ୍କ ଚିନ୍ତା ଓ ଚେତନାର ଆଧାର ଥିଲେ ମହାତ୍ମା ଗାନ୍ଧୀ । ବିଶ୍ୱାର ଅନେକ ରାଷ୍ଟ୍ର ମଧ୍ୟ ଗାନ୍ଧୀ ଦର୍ଶନ ସାହାଯ୍ୟରେ ଅନେକ ସମସ୍ୟାର ସମାଧାନ କରିପାରୁଛନ୍ତି । ଗାନ୍ଧୀଜୀଙ୍କ ଦୂରଦୃଷ୍ଟି ଭାରତକୁ ଅନେକ ବଡ ବଡ ଆହ୍ୱାନ ସମାଧାନରେ ମାଧ୍ୟମ ହୋଇପାରିଛି ।

ଗାନ୍ଧୀଙ୍କ ସମ୍ପର୍କରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ତାଙ୍କ ଦର୍ଶନକୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମତବାଦ ରୂପେ ଗ୍ରହଣ କରାଯାଇପାରେ ନାହିଁ । ବରଂ ଜୀବନଯାପନ ପାଇଁ ଏହା ହେଉଛି ଏକ ଚିରନ୍ତନ ମାର୍ଗ । ସେ ବି କୌଣସି ମତବାଦର ପ୍ରବର୍ତ୍ତନ କରିନଥିଲେ । ସମସାମୟିକ ସମସ୍ୟା ନିମନ୍ତେ ସେ ଯାହା ତାଙ୍କର ମତବ୍ୟକ୍ତ କରିଥିଲେ । ପୁରାତନ ମୂଲ୍ୟବୋଧକୁ ଏକ ନୂତନ ଯୁଗୋପଯୋଗୀ ଦୃଷ୍ଟିରୁ ବିଚାର କରିବା ଗାନ୍ଧୀଙ୍କର ଲକ୍ଷ୍ୟ ଥିଲା । ସୁତରାଂ ଗାନ୍ଧୀଙ୍କ ଦର୍ଶନ ସମଗ୍ର ବିଶ୍ୱରେ ଆଦୃତ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ପ୍ରଗତି ନିମନ୍ତେ ଗାନ୍ଧୀଙ୍କ ଦର୍ଶନ ଏକମାତ୍ର ପନ୍ଥା ରୂପେ ଆଜି ସର୍ବଜନ ସ୍ୱୀକୃତ । ସତ୍ୟ, ଶାନ୍ତି, ପ୍ରେମ, ଅହିଂସା, ନୈତିକତା, ମାନବବାଦ, ସ୍ୱାଭିମାନ, ସ୍ୱାବଲମ୍ବନଶୀଳତା ଇତ୍ୟାଦି ମହନୀୟ ଗୁଣାବଳୀ ଯେ ହିଂସା, ଧ୍ୱଂସ, ଈର୍ଷା, ପରଶ୍ରୀକାତରତା ଇତ୍ୟାଦି କୁଗୁଣାବଳୀକୁ ଆପଣାଉଥିବା ଆଜିର ଏ ସ୍ୱାର୍ଥପର ବିଶ୍ୱ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗ ଏକ ଉନ୍ନତ ବିଶ୍ୱ ନିର୍ମାଣରେ ଯେ ସହାୟକ ହୋଇପାରିବ । ଯଥାର୍ଥରେ ଓଡିଶାର ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ଥରେ କହିଥିଲେ – 'ମହାତ୍ମା ଗାନ୍ଧୀ ହେଉଛନ୍ତି ବିଶ୍ୱର ସକଳ ସମସ୍ୟାର ସମାଧାନ ପାଇଁ ଭାରତୀୟ ସୂତ୍ର ।'

ଆଜି ସମଗ୍ର ବିଶ୍ୱରେ ଅନିଶ୍ଚିତତାବାଦ ମୁଣ୍ଡ ଟେକିଛି । ଏହି ପରିପ୍ରେକ୍ଷୀରେ ଗାନ୍ଧୀବାଦର ପ୍ରାସଙ୍ଗିକତା ବୃଦ୍ଧିପାଇବାରେ ଲାଗିଛି । ଏହାକୁ ଅଧିକ ଉଜ୍ଜୀବିତ କରିବା ପାଇଁ ହେଲେ ଆଗାମୀ ବଂଶଧରମାନଙ୍କୁ ଗାନ୍ଧୀଙ୍କର ମହନୀୟ ଆଦର୍ଶ ବିଷୟରେ ସଚେତନ କରିବାର ଆବଶ୍ୟକତା ରହିଛି । ପୁନଶ୍ଚ ସାଂପ୍ରତିକ ପରିସ୍ଥିତିରେ ଗାନ୍ଧୀଜୀଙ୍କ ବିଚାରଧାରାର ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବା ବାଂଛନୀୟ । ଏହାଦ୍ୱାରା ଆଗାମୀ ପିଢି ସେହି ଯୁଗଶ୍ରେଷ୍ଠ ମହାମାନବଙ୍କ ବିଷୟରେ ଅନେକ ଉପାଦେୟ ତଥ୍ୟ ଜାଣି ପାରିବା ସହିତ ସତ୍ୟ,ଶାନ୍ତି, ଦୟା, ଧର୍ମ, କ୍ଷମା, ନ୍ୟାୟ, ନୈତିକତା, ଏକାତ୍ମବୋଧ ପ୍ରତି ଅଙ୍ଗୀକାରବଦ୍ଧ ହୋଇପାରିବେ । ଫଳରେ ବିଶ୍ୱରୁ ହିଂସା, ମିଥ୍ୟା, ଛଳନା, ଦୁର୍ନୀତି, ଅନ୍ୟାୟ, ଅନୀତି ଇତ୍ୟାଦିର ତାଣ୍ଡବ ନିଶ୍ଚୟ ପ୍ରଶମିତ ହୋଇପାରିବ । ସମଗ୍ର ବିଶ୍ୱ ସତ୍ୟ ଓ ପ୍ରେମର ବଳିଷ୍ଠ ମୂଳଦୁଆ ଉପରେ ଦଣ୍ଡାୟମାନ ହୋଇ ଗାନ୍ଧୀଜୀଙ୍କ କଳ୍ପିତ 'ରାମରାଜ୍ୟ' ସ୍ୱପ୍ନକୁ ସାକାର କରିପାରିବ, ଏହା ନିଃସନ୍ଦେହ ।

ରାଜନୀତି ବିଜ୍ଞାନ ବିଭାଗ, ବଡବିଲ ମହାବିଦ୍ୟାଳୟ, ବଡବିଲ ,
ଜିଲ୍ଲା-କେନ୍ଦୁଝର (ମୋ) ୮୨୪୯୧୩୭୦୯୧

## ସ୍ୱାଧୀନତା ଦିବସ

**ସମ୍ବିତ ଦାଶ**



ଉଣେଇଶ ସତଚାଳିଶ ମସିହା ଅଗଷ୍ଟ
ମାସ ପନ୍ଦର ତାରିଖ ଦିନ,
ଆମ ଦେଶ ଇଂରେଜ ମାନଙ୍କ କବଳରୁ
ହୋଇଥିଲା ସ୍ୱାଧୀନ ।।

ସେହି ସ୍ୱାଧୀନତା ଦିବସ ସ୍ମରଣୀୟ
ହେଉଛି ଆମପାଇଁ,
ମନେ ରଖିଥିବା ସେହି ଦିନକୁ ଜମାରୁ
କେବେ ଭୁଲିବା ନାହିଁ ।।

ଇଂରେଜମାନେ ଦେଉଥିଲେ ପୀଡ଼ା କଷ୍ଟ
ଦେଉଥିଲେ କେତେ ଧମକ,
ଦେଶ ସ୍ୱାଧୀନ ହେବା ପାଇଁ ବଳିଦାନ
ଦେଲେ କେତେ ଲୋକ ।।

ଗାନ୍ଧୀ,ଶାସ୍ତ୍ରୀ,ନେହେରୁ ଓ ରାଜଗୁରୁଙ୍କ
ଅପ୍ରାଣ ଚେଷ୍ଟା ବଳରେ,
ଇଂରେଜମାନେ ରାତି ଅଧରେ ଲୁଚି ଆମ
ଦେଶ ଛାଡ଼ି ଚାଲିଗଲେରେ ।।

ଲାଗେ ଭାରି ଖୁସି ଆସିଗଲେ ଏହି
ସ୍ୱାଧୀନତା ର ଦିବସ,
ଦେଶକୁ ସ୍ୱାଧୀନ ଦେଇ ଚାଲିଗଲେ
ଧନ୍ୟବାଦ ହେ ମହାପୁରୁଷ ।।

ସେହି ମହାପୁରୁଷଙ୍କ ପାଇଁ ଚାଲ ଆଜି
ଉଡ଼ାଇବା ତ୍ରିରଙ୍ଗା ବାନା,
ତ୍ରିରଙ୍ଗା ତଳେ ଗାଇବା ମିଶି ଆମେ
ଜାତୀୟ ସଙ୍ଗୀତ ଗାନା ।।

ସତ୍ୟ ଶାନ୍ତି ଆଉ ମୈତ୍ରୀ ପ୍ରଗତିର ପ୍ରତୀକ
ହେଉଛି ଆମ ପତାକା,
କମଳା ଧବଳ ଓ ସବୁଜ ରଙ୍ଗର ଦିଶଇ
ଫରଫର ଉଡ଼େ ପତାକା ।।

+ ପଲ୍ଲୀକଣ୍ଠା,
ଏରସମା, ଜଗତସିଂହପୁର

## ଆସିଛି ଅଗଷ୍ଟ ପନ୍ଦର

**ପ୍ରଶାନ୍ତ କୁମାର ରାଉଳ**

ଅଗଷ୍ଟ ପନ୍ଦର, ଅଗଷ୍ଟ ପନ୍ଦର
କୁନି କୁନି ପିଲାଙ୍କ ତୁଣ୍ଡରେ
କଥାରେ କଥାରେ ଭାଷଣ ଭିତରେ
ଆଜି ତୁମେ ଜାଗି ଉଠିବ
ଜୀବନ୍ୟାସ ମନ୍ତ୍ର ପରି ଉଜ୍ଜୀବିତ ହେବ ।
ତୁମ ଆସିବାର ଅଛି ଦରକାର
ଯେଉଁମାନେ ଦେଲେ ଆତ୍ମାହୂତି
ପ୍ରାଣର ବିଭୂତି
ସ୍ୱାର୍ଥକୁ କରି ଫୁତ୍କାର ।

ଆମ ପାଇଁ ତାଙ୍କ ଦାନ ଗଉରବ ଯଶ ଗାନ
ଶିରେ ବହି କରିବା ଶପଥ ,
ନୁହଇତ ସମାହାର ସ୍ଲୋଗାନ ଜୟଗାନ ।

ଦେଶର ଅଭାବ ଚାହିଁ ଫିଙ୍ଗି କୁସଂସ୍କାର
ବାଦାନୁବାଦରେ କି ଲାଭ ?

ସ୍ୱାଧୀନତା ରକ୍ଷା ଲାଗି
ଉପାୟ କେବଳ ଅହିଂସା ଓ ତ୍ୟାଗ
ଜୀବେ ଜୀବେ ଦୟା
ଆଧ୍ୟାତ୍ମିକ ରଣର ସାଧନ ।

ଜାତି ପ୍ରତି ଅନୁରକ୍ତ ହେବ ସେହି ଜନ
ପ୍ରୀୟା ପ୍ରୀତି ତୋଷାମୋଦ
ବନିତାକୁ କରିଲେ ମନରୁ
ଚିରଦିନ ନିର୍ବାସନ ।

ଅନ୍ୟାୟକୁ କରି ପଦାଘାତ
ଜନତାର ସକଳ ସୁରକ୍ଷା ଲାଗି
ନ ଆସିବେ କି ଗୋପ ଗାନ୍ଧି ଆଉ ? ??

ନ ହେଲେ ନ ହେଉ
ଘରେ ବାହାରେ ପରିବେଶ ନେଇ
ଆଲୋଚନା ବେଳେ
ଲୋଡ଼ା ତେଣୁ ସେହି ଶିଶୁ ପୁତ୍ର
ଯେ କି ଆତ୍ମବିଶ୍ୱାସର ବଳେ
ଲଭିବାକୁ ତ ୍ଜ୍ଞାନ ଶିକ୍ଷା
ଘେନି ବିଜ୍ଞାନୀ ମନୋଭାବ
ପ୍ରକୃତି ମୂଳେ ବିଜ୍ଞାନର ଜୟ ,
ଜ୍ଞାନ ଲାଭ କରୁ ନବ ନଚିକେତା
ଉଦ୍ ଘୋଷଣା କରୁ ଆଜି
ଜୀବନ ଉଦ୍‌ଗାତା ।

+ ଭଞ୍ଜକଲୋନୀ, ହସ୍ପିଟାଲ ରୋଡ଼,
ନୂଆବଜାର
ଜଳେଶ୍ୱର ,ବାଲେଶ୍ୱର-୭୫୬୦୩୨
ମୋ-୮୧୪୪୮୬୪୫୮୪

## ମିଛ ସ୍ୱାଧୀନତା

**କବି ବିପ୍ଳବ**



ସ୍ୱାର୍ଥର ରଜ୍ଜୁରେ ବନ୍ଧା ହୋଇ କଟିଗଲା
ତମାମ୍ ଜୀବନ
ଛଳନାର ମୁଖା ତଳେ
ମୁଁ ଚୁପ୍ ସଇତାନ ।

ପବିତ୍ର ତ୍ରିରଙ୍ଗା ତଳେ
କରୁଛି ମୁଁ ମିଛ ଅଭିନୟ
ଚିତ୍କାର କରୁଛି
ହଁ
ମୁଁ ସ୍ୱାଧୀନ
ଜନ ଗଣ ମନ..... ଗାଇ
ଜନ ଗଣଙ୍କୁ କରୁଛି ବିଭ୍ରାନ୍ତ
ମିଛ ସ୍ୱପ୍ନ ଦେଖେଇ
ଗୀତା ଛୁଇଁ କରୁଛି ଶପଥ
ରାମ ରାଜ୍ୟର ମିଛ ସଂଳାପରେ
ହାତେଇଛି କ୍ଷମତା ଓ ପଦ ।

କେବେ ଫୁର୍ କିନା
ଉଡି ପାରିନି ଆକାଶରେ
ସନ୍ତର୍ପଣରେ ଥୋଇ ପାରିନି ପାଦ
ଏରୁଣ୍ଡି ସେ ପାଖେ
ଓଠ ଦାଢ଼ରେ ଫୁଲ ପରି
ଖୋସି ପାରିନି
ଆଞ୍ଜୁଳାଏ ନିର୍ଭେଜାଲ ହସ
କୋଇଲି ପରି ସମୟ ଶାଖାରେ
ପାଦ ଦୃଢ଼ କରି
ଗାଇ ପାରିନି ମନ ଫୁଲାଣିଆ ଗୀତ ।

ତେବେ ମୁଁ କଣ ପାଇନି
ସ୍ୱାଧୀନତାର ସ୍ୱାଦ
ଅନୁଭବ କରିନି ମୁକ୍ତିର ଆନନ୍ଦ
ଖୋଲି ପାରିନି ସ୍ୱାର୍ଥର ବେଢ଼ି
ନିଜକୁ କରିନି ଦାସତ୍ୱରୁ ମୁକ୍ତି ?
ମୁଁ ସେବକଟିଏ ମାତ୍ର
ଏଇତକ କଥା ଯାଇଛି ଭୁଲି
ସ୍ୱାଧୀନତା ଆସିଥିଲା ଜୀବନରେ
ଛୁଇଁଦେଇ ଗଲା ପୁଣି ଚାଲି ।

+ ବାଙ୍କୀ, କଟକ

## ମୋ ଦେଶ

**କାଳୀପଦ ପଣ୍ଡା**



ମୋ ଦେଶ ଭାରତବର୍ଷ
ଉତ୍ତର ହିମାଳୟରୁ ଦକ୍ଷିଣ ସମୁଦ୍ରତଟ
କାଶ୍ମୀରରୁ କନ୍ୟାକୁମାରୀ
ବିଚିତ୍ରବର୍ଣ୍ଣା ଭୂ-ଭାଗ
ଏଇ ମୋ ଦେଶ ।

ଜ୍ଞାନ ବିଜ୍ଞାନ, ବୁଦ୍ଧି କୌଶଳର
ବିସ୍ତାରିତ କ୍ଷେତ୍ର
ପଞ୍ଚତନ୍ତ୍ରରୁ କଥାସରିତ୍‌ସାଗର
ମାଘ, କାଳିଦାସ, ବିକ୍ରମାଦିତ୍ୟ
ହସ୍ତିନା ଓ ବାରୁଣାବନ୍ତ
ତକ୍ଷଶୀଳାରୁ ଶ୍ରୀକ୍ଷେତ୍ର
ଗଙ୍ଗାରୁ ଗୋଦାବରୀ
ବହୁଥାଏ ସଦା ଅମୃତର ବାରି ।

ଗୁରୁ ନାନକ, ଛତ୍ରପତି ଶିବାଜୀ
ଧର୍ମପଦ ବାଜିରାଉତ
ନେତାଜୀ ସୁଭାଷ, ବକ୍ସିଜଗବନ୍ଧୁ
ଭଗତ୍, ଖୁଦିରାମ, ରାଣାପ୍ରତାପ
ରାଣୀ ଲକ୍ଷ୍ମୀବାଈ
ମାଟିମା'ର ଲଲାଟ ତିଳକ ।

ରାମାୟଣରୁ ମହାଭାରତ
ଶ୍ରୀମଦ୍‌ଭଗବତ୍ ଗୀତାମୃତ
ବିଶ୍ୱଜନରେ ଦେଇଛି ସନ୍ଦେଶ
ବସୁଧାର କୋଳେ ସଭିଏଁ ଈଶ୍ୱରଙ୍କ ସନ୍ତାନ,
ଦେଶ ତ ଦେଶ
ମୋ ଦେଶ ଭାରତବର୍ଷ
ତା'ଠୁଁ କେହି ନୁହେଁ ମହୀୟାନ ।

ଗାଇଛି, ଗାଉଛି, ଗାଉଥିବ
ଜାତୀୟ ସଂହତି, ଶାନ୍ତି ଓ ମୈତ୍ରୀ
ଶୁଣାଇଛି ବିଶ୍ୱଜନେ
ବସୁଧୈବ କୁଟୁମ୍ବକମ୍ ମନ୍ତ୍ର
ଗାଇଛି ଏ ମାଟିର ମୋହନ
ଅହିଂସାର ମହାମନ୍ତ୍ର
ବିଶ୍ୱଜନ ହେଲେ ଚକିତ ।

ଦୟାର କୋଳେ
ଚଣ୍ଡାଶୋକ ହେଲେ ଧର୍ମାଶୋକ
ସଂଘମ୍ ଶରଣଂ ଗଚ୍ଛାମି
ଏକତାର ବୀଜମନ୍ତ୍ର ରୋପିଛି ମୋ ଦେଶ।

ଆଣ୍ଠୁ ଲୁଚୁ ନଥିବା ଖଦଡ଼ ପିନ୍ଧା
ଗୋଲ ଚଷମା ନାଇ
ହାତରେ ବାଡ଼ି ଖଣ୍ଡେ
ଅଣ୍ଟାରେ ଘଣ୍ଟାଟେ ଓଳାଇ
ବାପୁ ମହାତ୍ମା ଜଣକ
ଲିଭାଇଛି ଅସ୍ପୃଶ୍ୟତାର ଅନଳ ।

ମୋ ଦେଶ ସହିଷ୍ଣୁତାର ହିମାଳୟ
ସହି ସହି ଶିଖିଛି, ଶିଖାଇଛି
ତିନି ମାଙ୍କଡ଼ର କାହାଣୀ
ଶାନ୍ତି-ସଂହତି ଧର୍ମନିରପେକ୍ଷତାର
ଏ ତ ପୁଣ୍ୟ ଭାରତଭୂମି ।

ଅନ୍ୟାୟକୁ କରିନାହିଁ ବରଦାସ୍ତ
ଧରିଛି ତରବାରୀ
ପ୍ରତିଶୋଧ ଅପରାଧ ନୁହେଁ କହି
ଜଗାଇଛି ପ୍ରାଣସତ୍ତାକୁ
ସପ୍ତସିଂହ ବଳ ଧରି
ଶତ୍ରୁର ରଣଭୂମେ ଦେଇଛି ନିଜକୁ ସମର୍ପି ।

କି ମନୋଲୋଭା ମୋ ମାଆର
ଏ ବିଚିତ୍ର ରଙ୍ଗରେ ରଙ୍ଗାୟିତ ବନଭୂମି
ମାନସ ସରୋବର, ଛରିଧାମ
ଦ୍ୱାଦଶଜ୍ୟୋତିର୍ଲିଙ୍ଗ, ଦ୍ୱାରକା ଓ ଶ୍ରୀକ୍ଷେତ୍ର
କାଶୀ, କାମାକ୍ଷା ଓ ଗୋବର୍ଦ୍ଧନପୀଠ
ସାତ ଦରିଆର ଫେନିଳ ନୀଳ ବୀଚିମାଳା
ମନରେ ଭରିଦିଏ କେତେ ଶାନ୍ତି ସ୍ୱପ୍ନର
ତରଙ୍ଗ ମେଖଳା ।

ଏ ଦେଶର ନଦନଦୀ
ପାହାଡ଼ ଓ ଝରଣା
ସାବରମତୀ ସନ୍ଥର ଗାଥା
ଗାଉଛି, ଗାଉଥିବ ଚିରକାଳ ।

ମୋ ଦେଶର ପୁନେଇ ପରବ
ମେଳା ମଉଛବ
ସବୁଥିରେ ସଭିଏଁ ହୁଅନ୍ତି ଠୁଳ
ଇଫ୍‌ତାର ପାର୍ଟି, ଗୁଡ଼୍‌ଫ୍ରାଇଡେ
ରଥଯାତ୍ରା ଓ ଦଶହରାରେ
ସଭିଏଁ କୋଳାଗ୍ରତ ହୁଅନ୍ତି ।

ଆମେ ସବୁ ଭାଇ ଭାଇ
ହାତରେ ମିଳାଇ ହାତ
ଗାଇ ଚାଲିଛୁ ମୈତ୍ରୀ ରାଗ ।

ଆମେ ଶୁଣୁ ମସ୍‌ଜିଦ୍‌ର ନମାଜ
ଗିର୍ଜାର ବାଇବେଲ୍ ବାଣୀ
ମନ୍ଦିରର ବେଦମନ୍ତ୍ର,
ଘଣ୍ଟଘଣ୍ଟାର ଶଙ୍ଖଧ୍ୱନି
ଭାରତମାତାର ଆମେ
ଗୋଟିଏ ମା'ର ଅନେକ ସନ୍ତାନ
ସଦା ଗରିୟାନ୍ ।

ନାହିଁ ଏଠି ଭେଦାଭେଦ ଉତ୍କଟ ଜାତି ପ୍ରୀତି
ଆମେ ସବୁ ମାନବତାର
ମହାମନ୍ତ୍ର କରୁ ଉଚ୍ଚାରଣ
ସଭିଏଁ ପରା ଈଶ୍ୱର ଆଲ୍ଲା
ଯୀଶୁର ସନ୍ତାନ ।

+ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ
ସୁନାରୁଇ, ବାଲିଆପାଳ, ବାଲେଶ୍ୱର
ଫୋନ୍: ୮୯୧୭୨୫୫୪୯୩

## ସ୍ୱାଧୀନ ଭାରତେ

**ଅମୂଲ୍ୟ କୁମାର ପଣ୍ଡା**



ଆସ ସର୍ବେ ମିଳି ସଜେଇ ଫୁଲରେ
ଜାତୀୟ ପତାକା ଆମ
ଉଡାଇବା ତାକୁ ଉତ୍ସର୍ଗ ମନରେ
ରଖିଣ ଦେଶର ନାମ।

ଲାଲକିଲ୍ଲା ଠାରୁ ଲଢିଥିଲେ ସିଏ
ଢାଳି ଲହୁ ଲୁହ ଧାର
କେତେ ବୀରବର ବରି ନେଇଥିଲେ
କୋଳେଇ କଷଣ ଭାର।

ସ୍ୱାଧୀନ ଭାରତେ ସ୍ୱାଧୀନ ଦିବସ
ଅଗଷ୍ଟ ପନ୍ଦର ଅଟେ
ପୂଣ୍ୟର ପରବ ଅଟେ ସେ ଗରବ
ଆନନ୍ଦେ ସମୟ କଟେ।

ଅଗଷ୍ଟ ପନ୍ଦର ଅନ୍ତରରେ ଆମ
ଏକତାର ଭାବ ଦିଏ
ଗାଇ ଜୟଗୀତି ପାଳିବା ତାହାକୁ
ତାପରି ହୋଇବ କିଏ।

ଗାନ୍ଧି ଗୋପବନ୍ଧୁ ସୁଭାଷ ନେହେରୁ
ଅହିଂସାକୁ ଆପଣାଇ
ସୁଭାସ ପଟେଲ ସହ ସାଥୀ ହୋଇ
ସ୍ୱାଧୀନତା ଥିଲେ ପାଇ।

ସେହି ଦିନଠାରୁ ଜାତୀୟ ପତାକା
ଜାତିର ଗୌରବ ଆମ
ଜାତୀୟ ସଂଗୀତ ଜନ ଗଣ ଶବ୍ଦେ
ପ୍ରକମ୍ପିତ ଏହି ଧାମ।

ଜାତୀୟ ପତାକା ତଳେ ରହି ଆସ
ସଭିଏଁ ଶପଥ ନେବା
ଭାରତ ମାତାର ଏ ଦେଶ ଜାତିର
ସଦା କରୁଥିବା ସେବା।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ସ୍ୱାଧୀନତା ଦିବସ ବିଶେଷାଙ୍କ-୨୦୨୧




ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବିଜେପି ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।



ଧ୍ୱନି ପ୍ରତିଧ୍ୱନି ସମ୍ବାଦପତ୍ରର ସ୍ୱତନ୍ତ୍ର ବିଶେଷ ସଂଖ୍ୟା ପ୍ରକାଶନ ଅବସରରେ ଧ୍ୱନି ପ୍ରତିଧ୍ୱନି ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।



ଆସନ୍ତୁ ସମସ୍ତେ ଭାରତ ସରକାରଙ୍କ କରୋନା ନିୟମାବଳୀ ମାନିବା ଓ ଦେଶକୁ କରୋନା ମୁକ୍ତ କରିବା ।

**ଶ୍ରୀଯୁକ୍ତ ଉମାକାନ୍ତ ମହାପାତ୍ର (ବାବି ନନା)**

ଜିଲ୍ଲା ସଭାପତି, ଭାରତୀୟ ଜନତା ପାର୍ଟି, ବାଲେଶ୍ୱର

ପ୍ରକାଶ ପାଇଛି .....

ବିଶିଷ୍ଟ କବି ଓ ଙ୍ଫଲାପ ଲେଖକ ଡ. ରଜନୀ ରଂଜନଙ୍କର ଦୁଇଟି ଅନବଦ୍ୟ ପୁସ୍ତକ




ପ୍ରକାଶକ : ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର

## ଶୁଭେଚ୍ଛା



ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାର ଅଗଣିତ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । କରୋନା ମହାମାରୀ ସମୟରେ ବିଭିନ୍ନ ଗଣମାଧ୍ୟମର ଭୂମିକା ପ୍ରମୁଖ ଥିବାବେଳେ ଧ୍ୱନି ପ୍ରତିଧ୍ୱନି ମଧ୍ୟ ତାର ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଛି । କେବଳ ସମ୍ବାଦ ନୁହଁ ସାହିତ୍ୟ କ୍ଷେତ୍ରରେ ଏହାର ଭୂମିକା ସମଗ୍ର ଓଡ଼ିଶାରେ ଅଦ୍ୱିତୀୟ । ଅନେକ ସାହିତ୍ୟିକ ଏହି ଅନୁଷ୍ଠାନରୁ ସୃଷ୍ଟି ହୋଇଛନ୍ତି । ଆଜି ତାର ସ୍ୱନକ୍ଷତ୍ର ଦିବସ ଓ ସ୍ୱତନ୍ତ୍ର ବିଶେଷାଙ୍କ ପ୍ରକାଶନ ଅବସରରେ ଧ୍ୱନି ପ୍ରତିଧ୍ୱନି ପରିବାରକୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

**ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ**



'ଧ୍ୱନି ପ୍ରତିଧ୍ୱନି'ର ୩୧ତମ ସ୍ୱନକ୍ଷତ୍ର ଦିବସ ତଥା ଅଗଷ୍ଟ ୧୫ ପାଳନ ଅବସରରେ ଓଡିଶାର ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ସାହିତ୍ୟ ପ୍ରତି ଧ୍ୱନି ପ୍ରତିଧ୍ୱନିର ଅବଦାନ ସ୍ମରଣୀୟ । ଈଶ୍ୱର ତାର ଚଲାପଥ କୁସୁମିତ କରନ୍ତୁ ।

**ଇଂ ପ୍ରଶାନ୍ତ କୁମାର ଦତ୍ତ,** ବରିଷ୍ଠ ଲେଖକ

ଶେଫାଳି, ନଳମଗଞ୍ଜ, ବାଲେଶ୍ୱର



'ଧ୍ୱନି ପ୍ରତିଧ୍ୱନି'ର ୩୧ତମ ସ୍ୱନକ୍ଷତ୍ର ଦିବସ ତଥା ଅଗଷ୍ଟ ୧୫ ପାଳନ ଅବସରରେ ଓଡିଶାର ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଧ୍ୱନି ପ୍ରତିଧ୍ୱନି କେବଳ ଏକ ସମ୍ବାଦପତ୍ର ନୁହଁ, ସାହିତ୍ୟ କ୍ଷେତ୍ରରେ ଏହାର ଯୋଗଦାନ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

**ଡ. ରମାକାନ୍ତ ବେହେରା**

ବିଶିଷ୍ଟ ସାହିତ୍ୟିକ ଓ ଗବେଷକ, ବାଲେଶ୍ୱର



ପବିତ୍ର ସ୍ୱାଧୀନତା ଦିବସ ଓ ଧ୍ୱନି ପ୍ରତିଧ୍ୱନିର ୩୧ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି'ର ଏକ ସ୍ୱତନ୍ତ୍ର ବିଶେଷାଙ୍କ ପ୍ରକାଶ ଅବସରରେ ପରିବାରର ସମସ୍ତ ସଦସ୍ୟଙ୍କୁ ମୋର ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା । ଧ୍ୱନି ପ୍ରତିଧ୍ୱନିର ଚଲାପଥ ପୁଷ୍ପିତ ହେଉ, ଈଶ୍ୱରଙ୍କ ପାଖରେ ଏତିକି ପ୍ରାର୍ଥନା ।

**ଶିରିଶ ଜେନା**

ସଭାପତି, ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର





ଗଣମାଧ୍ୟମ ଏକ ନିରପେକ୍ଷ ଅଙ୍ଗ, ଏହା ହେଉଛି ଗଣତନ୍ତ୍ର ଚତୁର୍ଥ ସ୍ତମ୍ଭ ଓ ସତ୍ୟକୁ ବଜାୟ ରଖିବାର ମହତ୍ୱପୂର୍ଣ୍ଣ ପୃଷ୍ଠଭୂମି । ଏହି ଅବସରରେ ଧ୍ୱନିପ୍ରତିଧ୍ୱନି ଦୈନିକ ଖବରକାଗଜର ଉନ୍ନତି ଓ ବିକାଶ କାମନା କରୁଛି । ସାହିତ୍ୟ ଓ ସମ୍ବାଦ କ୍ଷେତ୍ରରେ ଏହାର ଅବଦାନ ସବୁଦିନେ ଏମିତି ରହିଥାଉ । ମୋର ପ୍ରାର୍ଥନା ଓ କାମନା ଏହି ସମ୍ବାଦପତ୍ର ଯେଭଳି ଆଗକୁ ଆଗକୁ ଉନ୍ନତି ଓ ପ୍ରଗତି ବିକାଶ ପଥରେ ସଫଳତାର ସହ ଆଗେଇ ଚାଲୁ ଏତିକି ହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା

**ମମତା କୁଣ୍ଡୁ**

ସଭାପତି, ଓଡ଼ିଶା ଅଖିଳ ଭାରତୀୟ ପ୍ରଫେସନାଲ୍ କଂଗ୍ରେସ



ଧ୍ୱନି ପ୍ରତିଧ୍ୱନିର ସ୍ୱତନ୍ତ୍ର ବିଶେଷାଙ୍କ ପ୍ରକାଶନ ଅବସରରେ ଏହି ପରିବାରର ସମସ୍ତ ସଦସ୍ୟଙ୍କୁ ଅନେକ ଧନ୍ୟବାଦ ଓ କୃତଜ୍ଞତା । ଆଜିର ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଏହାର ଦୀର୍ଘଜୀବନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା । ଆସନ୍ତୁ, ଏହି ମହାନ ଦିବସରେ ଆମ ଦେଶପାଇଁ ବଳିଦାନ ଦେଇଥିବା ମହାପୁରୁଷମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କ ଆଦର୍ଶରେ ଚାଲିବାକୁ ଶପଥ ନେବା ।

**ପୀତାମ୍ବର ଦାସ,**

ବିଶିଷ୍ଟ ଶିଶୁ ସାହିତ୍ୟିକ, ବାଲେଶ୍ୱର

# ସ୍ୱାଧୀନତା ଦିବସ ବିଶେଷାଙ୍କ-୨୦୨୧



# କ୍ରାନ୍ତିକାରୀ ଶ୍ରୀଅରବିନ୍ଦ

**ମୀରା ବେଉରା**

ସମଗ୍ର ପୃଥିବୀରେ ଭାରତବର୍ଷ ଏଭଳି ଏକ ପୁଣ୍ୟ ତୀର୍ଥଭୂମି ଆଧ୍ୟାତ୍ମିକଭୂମି, ଯେଉଁଠି ଯୁଗେଯୁଗେ ଅନେକ ସାଧୁସନ୍ଥ, ମୁନିଋଷି, ମହାପୁରୁଷ ଜନ୍ମଲାଭ କରି ସାଧାରଣ ମଣିଷ ଜୀବନକୁ ଉଚ୍ଚତର ସୋପାନକୁ ସେମାନଙ୍କୁ ନେଇଯାଆନ୍ତି। ସେଇଥିପାଇଁ ତ ପାଶ୍ଚାତ୍ୟ ବିଦ୍ୱାନ ଆଇନଷ୍ଟାଇନ୍ କହିଥିଲେ, ଯଦି କିଛି ଶିକ୍ଷାଲାଭ କରିବାର ଅଛି ତେବେ ଭାରତବର୍ଷକୁ ଯାଅନ୍ତୁ। ଏହି ଉକ୍ତିଟିକୁ ପ୍ରକୃତରେ ଯଥାର୍ଥରେ ପ୍ରତିପାଦନ କରିଥିଲେ କ୍ରାନ୍ତିର ପ୍ରତୀକ ମହାଯୋଗୀ ଶ୍ରୀଅରବିନ୍ଦ। ବଙ୍ଗଦେଶରେ ଜନ୍ମଲାଭ କରି ମଧ କେବଳ ବଙ୍ଗଳାର ନଥିଲେ ସେ, ସେ ଥିଲେ ଭାରତ, ଏସିଆ ତଥା ସମଗ୍ର ପୃଥିବୀର ସକଳ ଜ୍ଞାନୀ, ଗୁଣୀ, ଚିନ୍ତାଶୀଳ, ମୁକ୍ତିସଂଗ୍ରାମୀ ବ୍ୟକ୍ତିମାନଙ୍କ ମଧ୍ୟରେ ଚିରସ୍ମରଣୀୟ। ସାଧାରଣ ମଣିଷପରି ରକ୍ତ, ମାଂସର ମନୁଷ୍ୟ ହୋଇ ମଧ ମହାଯୋଗୀ ସିଦ୍ଧମହାପୁରୁଷ ହୋଇ ଭାଗୀରଥ ପରି ସୁଦୀର୍ଘ ଶତାବ୍ଦୀର ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତାର ମନ୍ଦାକିନୀଧାରା ବୁହାଇ ଦେଇଥିଲେ ପରମଯୋଗୀ ଶ୍ରୀଅରବିନ୍ଦ। ଏହି ମର୍ତ୍ତ୍ୟପୁରୀର ଅନ୍ଧକାରରେ ସ୍ୱର୍ଗର ଦିବ୍ୟ ଆଲୋକକୁ ଅବତରଣ କରିବାକୁ କେବଳ ସେ ଚାହିଁନଥିଲେ ବରଂ ତାଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଥିଲା। ଭାରତବର୍ଷର ମାତୃଗର୍ଭରେ ଏଭଳି ସର୍ବୋଜ୍ଜ୍ୱଳ କୋହିନୁର ଆଉ ହୁଏତ ଖୁବ୍ କମ୍ ଜନ୍ମଲାଭ କରିଥିଲେ। ଅର୍ଥ ଉପାର୍ଜନ କରି ବଡ଼ଲୋକ ହେବା ବା ରାଜା ମନ୍ତ୍ରୀ ପଦ ଲାଭ କରି ଶ୍ରେଷ୍ଠତାର ସୁନାମ ଅର୍ଜନ କରିବାର କୌଣସି ଅଭିଳାସ ନଥିଲା ତାଙ୍କର। ବରଂ ନିଜ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଜଳାଂଜଳି ଦେଇ ସମଗ୍ର ଜଗତର ଉଚ୍ଚତର ଆଧାତ୍ମିକ ବିକାଶ ପାଇଁ ସେ ଆଜୀବନ ସାଧନା ଏବଂ ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଘର୍ଷ ଜାରି ରଖିଥିଲେ। ମହାମନିଷୀ ଶ୍ରୀଅରବିନ୍ଦ ସମଗ୍ର ମାନବ ଜୀବନକୁ ମଙ୍ଗଳମୟ କରି ଗଢ଼ିତୋଳି ଉଚ୍ଚତର ଆଧାତ୍ମିକ ସାଧନାସ୍ତରକୁ ନେଇ ସମଗ୍ର ବିଶ୍ୱର ଏକ ଜାଗରଣ ସୃଷ୍ଟି କରିଥିଲେ।

ଆଜି ଯଦିଓ ବସ୍ତୁବାଦ, ବ୍ୟକ୍ତିବାଦ, ଭୌତିକ ସଭ୍ୟତା ଏବଂ ସର୍ବୋପରି ବିଜ୍ଞାନରେ ମଣିଷ ଆଜି ଚରମ ଉନ୍ନତି ଆଣିବା ସତ୍ତ୍ୱେ, ତା' ମନରେ ସୁଖନାହିଁ କି ଶାନ୍ତି ନାହିଁ। ଏହାର ପ୍ରମୁଖ କାରଣ ଶ୍ରୀଅରବିନ୍ଦ ଖୋଜି ବାହାର କରି ମଣିଷ ଆଜି କିପରି ଆଧାତ୍ମିକ ଚେତନାଠାରୁ ନିଜକୁ ଦୂରେଇ ନେଇ ଦୁଃଖକୁ ନିଜ ଆଡ଼କୁ ଆମନ୍ତ୍ରଣ କରୁଛି, ତାହା ଉପଲବ୍ଧି କରିଥିଲେ। ପ୍ରକୃତରେ ଆଧାତ୍ମିକ ଜଗତରେ ଯଦି ସମଗ୍ର ବିଶ୍ୱରେ କିଏ ଏକ ବିସ୍ମୟର ପ୍ରତୀକ ରୂପେ ପ୍ରତିଭାତ ହୋଇ ନିଜର ଏବଂ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ ସେଥିଲେ ଶ୍ରୀଅରବିନ୍ଦ। ଭାରତର ମହାନତା ସମ୍ପର୍କରେ ସେ ସ୍ୱାଧୀନତାର ବହୁ ପୂର୍ବରୁ ସଚେତନ ଥିଲେ।

ଭାରତବର୍ଷ ଯେ ଦିନେ ସମଗ୍ର ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରି ଆଧାତ୍ମିକ ଗୁରୁହେବ ଏବଂ ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ଦେବ, ସେ ସ୍ୱପ୍ନ ସେ ବହୁ ପୂର୍ବରୁ ନିଜ ଦିବ୍ୟଦୃଷ୍ଟି ମାଧ୍ୟମରେ ଦେଖି ପାରିଥିଲେ। ପୁରାତନ ଏବଂ ନୂତନ ମଧ୍ୟରେ ଏକ ସମନ୍ୱୟ ପ୍ରତିଷ୍ଠା କରିଥିଲେ ଶ୍ରୀଅରବିନ୍ଦ। ତାଙ୍କ ଦର୍ଶନର ମୂଳଉତ୍ସ ଥିଲା ବେଦ ଭଗବତ୍ ଗୀତା, ଯୋଗ, ଉନ୍ନତ ମନ, କର୍ମର ନିୟମ ଏବଂ ପୁର୍ନଜନ୍ମର ଦର୍ଶନ। ମହାଯୋଗୀ ଶ୍ରୀଅରବିନ୍ଦ କଲିକତାର ହୁଗୁଳିଠାରେ ୧୮୭୨ ମସିହା ଅଗଷ୍ଟ ୧୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିତା ଥିଲେ ଡାକ୍ତର କୃଷ୍ଣଧନ ଏବଂ ମା' ଥିଲେ ସ୍ୱର୍ଣ୍ଣଲତା ଦେବୀ। ଘରେ ପ୍ରାଥମିକ ଶିକ୍ଷାସମାପ୍ତ ପରେ ୧୭ ବର୍ଷ ବୟସରେ ୧୮୮୯ ମସିହାରେ ଇଂଲଣ୍ଡର ସେଣ୍ଟପଲ୍ ସ୍କୁଲରୁ ଶିକ୍ଷାଲାଭ କରିଥିଲେ। ଇଂଲଣ୍ଡରେ ୧୪ ବର୍ଷ ରହଣି ଭିତରେ ସେ ପାଶ୍ଚାତ୍ୟ ଭାଷା ଓ ଦର୍ଶନକୁ ଅଧ୍ୟୟନ କରିଥିଲେ। ଏଥିସହିତ ଭାରତୀୟ ଦର୍ଶନଶାସ୍ତ୍ରରେ ମଧ ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲେ। ଇଂଲଣ୍ଡରେ ଥିବା ସମୟରେ ପିତା ଡାକ୍ତର କୃଷ୍ଣ ଧନଙ୍କ ଚିଠିଗୁଡ଼ିକ ପୁଅ ଶ୍ରୀଅରବିନ୍ଦଙ୍କ ହୃଦୟରେ ପ୍ରଗାଢ଼ ଦେଶପ୍ରେମ ଜାଗ୍ରତ କରିଥିଲା। ଯାହା ପରୋକ୍ଷରେ ଇଂରେଜମାନଙ୍କ ଶାସନ ପ୍ରତି ତାଙ୍କର ତୀବ୍ର ଘୃଣା ମନୋଭାବ ସୃଷ୍ଟି ହୋଇଥିଲା।

ଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଘୋଡ଼ାଚଢ଼ା ପରୀକ୍ଷାରେ ଯୋଗ ନଦେବାରୁ ଆଇସି.ଏସ୍ ନିଯୁକ୍ତି ପାଇଁ ଉପଯୁକ୍ତ ହୋଇପାରିନଥିଲେ। ଶ୍ରୀଅରବିନ୍ଦଙ୍କର ପ୍ରଥମ ପଦକ୍ଷେପ ଥିଲା ଲେଖା ମାଧ୍ୟମରେ ଜନମତ ସୃଷ୍ଟି କରିବା। ବମ୍ବେର ଇନ୍ଦୁପ୍ରକାଶ ସହ ବନ୍ଦେ ମାତରମ୍ ସମାଚାର ପତ୍ରର ସମ୍ପାଦନା ମଧ କଲେ। କେମ୍ବ୍ରିଜ୍ କଲେଜରେ ପାଠ ପଢ଼ିଲାବେଳେ ଶାସକବର୍ଗଙ୍କୁ ତୀବ୍ର ସମାଲୋଚନା ଏବଂ ବିପ୍ଳବାତ୍ମକ ଭାଷଣ କାରଣରୁ ଇଂରେଜ ସରକାର ତାଙ୍କ ପ୍ରତି ସର୍ବଦା ସଜାଗ ଦୃଷ୍ଟି ରଖିଥିଲେ। ବିଦେଶରୁ ଫେରି ୧୯୦୧ ମସିହାରେ ସେ ବରୋଦା କଲେଜର ଇଂରାଜୀ ପ୍ରଫେସର ଭାବେ ଯୋଗଦେଲେ। ସେହି ସମୟରେ ସେ ମାଇକେଲ ମଧୁସୂଦନ ଏବଂ ବଙ୍କିମ୍ ଚନ୍ଦ୍ରଙ୍କ ଲେଖାମାନ ପଢ଼ି ଖୁବ୍ ପ୍ରଭାବିତ ହୋଇଥିଲେ। ଏହାପରେ ୧୯୦୧ରେ ଗୋପାଳଚନ୍ଦ୍ର ବସୁଙ୍କ କନ୍ୟା ମୃଣାଳିନୀଙ୍କୁ ବିବାହ କଲେ। ସ୍ୱାୟତ୍ତ ଶାସନ ଜାତୀୟ ଶିକ୍ଷା ବିସ୍ତାର, ସ୍ୱଦେଶୀ ସାମଗ୍ରୀର ବ୍ୟବହାର, ବିଦେଶୀ ଦ୍ରବ୍ୟ ବର୍ଜନ ଏହି ଚାରିଗୋଟି ନୀତିକୁ ସେ ଗ୍ରହଣ କରି ବାଲଗଙ୍ଗାଧର ତିଲକଙ୍କ ଦୃଷ୍ଟିକୁ ଆସିଥିଲେ। ପରେ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଅନୁରୋଧରେ ସାପ୍ତାହିକ 'ବନ୍ଦେ ମାତରଂ' ଇଂରାଜୀ ପ୍ରତିକାରେ ଲେଖା ପ୍ରକାଶ କଲେ। ଧୀରେ ଧୀରେ ଉଦ୍ଦୀପନାମୂଳକ ଭାଷଣ ଦେଇ ସମସ୍ତଙ୍କୁ ଏକତ୍ରୀତ କରି କେବଳ ରାଜନୈତିକ ନେତୃତ୍ୱ ନୁହେଁ ଆଧାତ୍ମିକ ସାଧନା ମଧ ଜାରି ରଖିଥିଲେ। ଆଲିପୁର ବୋମା କେସ୍‌ରେ ସେ ଯେତେବେଳେ ଜେଲ୍ ଗଲେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ତାଙ୍କ କେସ୍ ଲଢ଼ିଥିଲେ। ସେଦିନ ସେ କହିଥିଲେ ଏହି ବ୍ୟକ୍ତି ବିଦାୟ ନେବାପରେ ତାଙ୍କୁ ଦେଶପ୍ରେମୀ କବି, ମାନବିକତାର ପ୍ରେମିକ, ଜାତୀୟତାର ବାର୍ତ୍ତାବହ ଭାବେ ଲୋକେ ଦିନେ ପୂଜା କରିବେ, ଯାହା ଆଜି ସତ୍ୟ ପ୍ରମାଣିତ ହୋଇଛି। ଜୀବନର କଷ୍ଟ, ଯନ୍ତ୍ରଣା ଯେମିତି ତାଙ୍କ ପାଇଁ ଥିଲା ଆଶୀର୍ବାଦ ସ୍ୱରୂପ। ଜେଲରେ ରହି ଗୀତା, ଭାଗବତ, ଉପନିଷଦ ଆଦି ପଢ଼ି ଈଶ୍ୱରଙ୍କ ଶକ୍ତିଲାଭ କରି ସାଧନା ଆରମ୍ଭ କଲେ। ଯେତେବେଳେ ଯୋଗ କରି ଉଚ୍ଚତର ଆଧାତ୍ମିକ ସାଧନା କରିଥିଲେ ସେ ଅନୁଭବ କରିଥିଲେ ଭାରତର ମୁକ୍ତି ସୁନିଶ୍ଚିତ।

ସେ ଦିନ ସେ ବୁଝିଥିଲେ ଯେ ରାଜନୀତି ଭାରତର ପ୍ରକୃତ ଉନ୍ନତି ନୁହେଁ। ଭାରତର ପ୍ରକୃତ ଉନ୍ନତି କରିବାକୁ ହେଲେ ତା'ର ଆତ୍ମାର ବିକାଶ କରିବାକୁ ହେବ। ଏହାପରେ ୧୪ ଏପ୍ରିଲ୍ ୧୯୧୦ ମସିହାରେ ସେ ପଣ୍ଡିଚେରୀରେ ପହଁଞ୍ଚିଥିଲେ। ତାଙ୍କ ରଚିତ ସାବିତ୍ରୀ ମହାକାବ୍ୟ ଯାହାକୁ ଲେଖିବା ପାଇଁ ତାଙ୍କୁ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ଲାଗିଥିଲା ଏବଂ ଏହା ଥିଲା ତାଙ୍କ ଅନୁଭୂତିର ଏକ ଅଭିଲେଖା। ୧୯୧୪ ମାର୍ଚ୍ଚ ୨୯ ତାରିଖରେ ପଲ୍ ରିଚାର୍ଡଙ୍କ୍ ପତ୍ନୀ ମୀରା ରିଚାର୍ଡ ପଣ୍ଡିଚେରୀ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କରିଥିଲେ। ତାଙ୍କରି ସହାୟତାରେ ଆର୍ଯ୍ୟ ନାମକ ପତ୍ରିକା ସେହି ବର୍ଷ ପ୍ରକାଶ ପାଇଲା। ପରେ ଏହି ମୀରା ରିଚାର୍ଡ ପୁନର୍ବାର ପଣ୍ଡିଚେରୀ ଫେରି ଆଶ୍ରମର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥିଲେ। ତାଙ୍କର ଜାତୀୟତା ଉପରେ ପୁସ୍ତକ, ବେଦ, ଉପନିଷଦ ଉପରେ ଗବେଷଣା ସମ୍ବନ୍ଧୀୟ ପ୍ରବନ୍ଧ, ଭାଗବତ ଗୀତାର ବ୍ୟାଖ୍ୟା, ଲାଇଫ୍ ଡିଜାଇନ୍, ସୁପରମ୍ୟାନ୍ ଆଇଡିଆଲ୍ ଅଫ୍ ହ୍ୟୁମାନୟୁନିଟି ପରି ମହାନ୍ ଗଦ୍ୟରଚନା, ସାବିତ୍ରୀ ପରି ମହାକାବ୍ୟ ତାଙ୍କୁ ଜଣେ ଉଚ୍ଚକୋଟୀର ସାହିତ୍ୟକାରର ପରିଚୟ ଦେଇଥିଲା। ତାଙ୍କର ଆଧାତ୍ମିକ ସାଧନା ସମଗ୍ର ବିଶ୍ୱକୁ ଆଲୋକିତ କରିଥିଲା। ଯାହାଦ୍ୱାରା ସମଗ୍ର ବିଶ୍ୱ କେବଳ ରାଜନୈତିକ, ସାମାଜିକ ଅତ୍ୟାଚାର ନୁହେଁ ବରଂ ମାନସିକ ଅଜ୍ଞତାର ଜିରକୁ ଭାଙ୍ଗି ଈଶ୍ୱରଙ୍କ ନିକଟବର୍ତ୍ତୀ କରିବ। ଯେଉଁ ଉଚ୍ଚତମ ସିଦ୍ଧାନ୍ତ ମନ ଭିତରେ ଦବି ରହିଥାଏ ତାହା ଯୋଗଦ୍ୱାରା ହିଁ ଚେତନାରେ, ଶକ୍ତିରେ, ସୌନ୍ଦର୍ଯ୍ୟରେ, ପ୍ରେମରେ, ବିବେକରେ, ପ୍ରକାଶରେ ବିକାଶ ହୋଇଥାଏ। ସ୍ୱାଧୀନତା ଦିବସର ପ୍ରଥମ ଦିବସରେ ଶ୍ରୀଅରବିନ୍ଦ କହିଥିଲେ ଯେ, 'ଏହି ଦିନକୁ ଆମ ଦେଶର ଏକ ମହତ୍ତ୍ୱପୂର୍ଣ୍ଣ ଦିବସ ରୂପେ ଗଢ଼ି ତୋଳିବୁ ଯାହାଦ୍ୱାରା ସମଗ୍ର ବିଶ୍ୱ ପାଇଁ ଏହା ମାନବିକତାର ଭବିଷ୍ୟତ ନିର୍ମାଣ କରିବାରେ ଏକ ବଡ଼ଭୂମିକା ନେଇପାରିବ। ତାଙ୍କ ମତରେ ଆମର ସମଗ୍ର ଜୀବନ ହେଉଛି ଯୋଗ। ଏହି ଯୋଗର ଅର୍ଥ ହେଲା ମନଠାରୁ ଊର୍ଦ୍ଧ୍ୱରେ ଥିବା ଚେତନାର ବିକାଶ, ଅତିମାନସ ଶକ୍ତିର ବିକାଶ। ମହାମନିଷୀ ଶ୍ରୀଅରବିନ୍ଦ ୫ ଡିସେମ୍ବର ୧୯୫୦ ମସିହାରେ ଦେହତ୍ୟାଗ କଲେ ସତ, ମାତ୍ର ଏ ସମଗ୍ର ମାନବ ସମାଜର ମଙ୍ଗଳ ପାଇଁ ନିଜର ସାଧନା ବଳରେ ଯେଉଁ ଅତିମାନସ ଶକ୍ତିକୁ ପୃଥିବୀ ପୃଷ୍ଠକୁ ଅବତରଣ କରାଇଥିଲେ, ସେହି ଶକ୍ତିକୁ ଅନୁଭବ କରି ଯଦି ଏକତ୍ରିତ ହୋଇ ତାଙ୍କର କାର୍ଯ୍ୟକୁ ଉତ୍ସାହର ସହ, ନିଷ୍ଠା ଓ ଏକାଗ୍ର ଚିତ୍ତରେ ଭାରତବର୍ଷର ବିକାଶ ପାଇଁ କାର୍ଯ୍ୟ ନିରନ୍ତର ଜାରି ରଖିବା ତାହାହିଁ ହେବ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପ୍ରତି ଆମ୍ଭମାନଙ୍କର ପ୍ରକୃତ ଶ୍ରଦ୍ଧାଞ୍ଜଳି ଏବଂ ଭଲ ପାଇବା।

+ ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି, ତୁଳସୀପୁର, କଟକ
(ମୋ) ୯୮୫୩୩୫୦୩୮୪



## ସ୍ୱାଧୀନତା ଦିବସ

**ପୀତାମ୍ବର ଦାସ**



ଗରବରେ ଫୁଲେ ଛାତି,
ପାହିଛି ଅନ୍ଧାର ରାତି।

ସ୍ୱାଧୀନ ହୋଇଛି ଆମରି ଭାରତ
ହଟିଛି ଇଂରେଜ ଜାତି।

ଅଗଷ୍ଟ ପନ୍ଦର ଆସେ,
ସ୍ୱାଧୀନ ଭାରତ ହସେ।

ସ୍ୱାଧୀନତା ଦିବସ
ସର୍ବେ ପାଳିବେ
ଦେଶ ପ୍ରୀତି ହୃଦେ ଭାସେ।

ଦେଶର ବନ୍ଦନା ଗାଇ,
ପିଲା କୌତୁହଳ ହେଇ।

ହାତରେ ତ୍ରିରଙ୍ଗା ପତାକା ଧରିଣ
ବୁଲିବେ ହରଷ ହୋଇ।

ସ୍ୱାଧୀନତା ସ୍ୱାଦ ମଜା,
ମନରେ ହୋଇବ ଭିଜା।

କରିବାକୁ ସେବା
ଦେଶପାଇଁ ପିଲେ
ଅଙ୍କୁରିତ ହେବ ଗଜା।

ସହିଦ ବୀରଙ୍କ ତ୍ୟାଗ,
ଗାଇବେ ଦେଖାଇ ବାଗ।

ଦେଶ ଭକ୍ତି ଗୀତ
ଉଚ୍ଚାରି କହିବେ
ଜାଗହେ ସର୍ଭିଏଁ ଜାଗ।

+ ଭାରତୀୟ ଜୀବନ ବୀମା ନିଗମ, ବାଲେଶ୍ୱର
ମୋ: ୯୪୩୭୩୪୮୭୯୧

## ବିଧାତା ନିର୍ଦ୍ଦିଷ୍ଟ

**ସବିତା ହୋତା ମହାପାତ୍ର**



ମାଙ୍କଡ଼ ବାଦୁଡ଼ି ଉପଦ୍ରବ୍ୟଶୂନ୍ୟ
ଉପବନ ଦିଶେ ପରିପୂର୍ଣ୍ଣ,
ନିଜ ବାସ ସ୍ଥାନେ କାଟନ୍ତି ସମୟ
ନିଜ ନୀଡ ନିଜ ସ୍ୱର୍ଗ ଜାଣ ॥

ପଥ ପ୍ରାନ୍ତ ସିନା ଜନ ଯାନ ହୀନ
ଗୋ'ମାତା ଓ ଶ୍ୱାନ ହା'ହତାଶ,
ଗ୍ରୀଷମ ସକାଳ ସଞ୍ଜୁଆ ବତାସ
ଟାଣେ କିନ୍ତୁ ଫୁଲ ଫଳ ବାସ ॥

ମଣିଷ ଜଙ୍ଗଲ ଯନ୍ତ୍ର ଦାନବ
କରିଛି କାୟା ବିସ୍ତାର,
ପକ୍ଷିକୁଳ ଜୀବକୁଳ ଭୀତତ୍ରସ୍ତ
ପ୍ରକୃତିର ରୂପ ଛାରଖାର ॥

ଆସିଲା କି କାଳ ସରବେ ନିଶ୍ଚଳ
ନୀରବ କିଂ କର୍ତ୍ତବ୍ୟ,
ଆତଙ୍କିତ ମହାରୋଗ କବଳିତ
ବସୁନ୍ଧରା ହାରି ବସେଧୈର୍ଯ୍ୟ ॥

ବିଧିର ବିଧାନ ସରବେ ଅଧୀନ
ନିୟନ୍ତ୍ରଣ ହାରେ ଭାରସାମ୍ୟ,
ଏ'କି ହେଲା ଏ'କି ହେଲା
ପୃଥିବୀର
ମାନଚିତ୍ର ଧୀରେ ହୁଏ ଶୂନ୍ୟ ॥

ଘୂରିଆଡେ ଖାଲି ସଜଗ ପ୍ରହରୀ
ସହର ନଗର ଗ୍ରାମ ହାଟ,
କିଣା ବିକା ମଉଛବ ନାହିଁ
ମଣିଷର ନାହିଁ ଆତଯାତ ॥

ଦେଶ ଦେଶ ଘୁରି ବୁଲୁଛି ଭୂତାଣୁ
ସମୟ ନ ଦେଇ ଏକ ଦଣ୍ଡ,
କବାଟ କିଳିଲେ ସଜାଗ ଜନତା
ଅର୍ଥନୀତି ଭାଙ୍ଗେ ମେରୁଦଣ୍ଡ ॥

କିନ୍ତୁ ଏଣେ କୃଷ୍ଣଚୂଡ଼ା ଡାଳେ ଶୁଭେ
ଦିବା ସଞ୍ଜେ କୋଇଲିର ଗୀତ,
କହି ଦେଉଅଛି ପକ୍ଷି ଜଗତକୁ
ଆଉ ଡ଼ର ନାହିଁ ଆରେ ମିତ ॥

ନିଦାଘ ମେଲିଛି ଫୁଲ ବି ଫୁଟିଛି
ବିଶୁଦ୍ଧ ପବନ ବାସ ବିତରୁଛି,
ଯାନବାହାନର ରୋଳ ନାହିଁ ଆଉ
କାରଖାନା ଧୁଆଁ ହଜିତ ଯାଇଛି ॥

ନିଜ କୋଠରୀରେ ଆବଦ୍ଧ ମଣିଷ
ହୋଇ ବସେ କାରିଗର,
ଏଇ ସମୟ ତ' ଈଶ୍ୱରଙ୍କ ଦତ୍ତ
କରିବାକୁ ଆତ୍ମ ଆବିଷ୍କାର ॥

ଜଞ୍ଜାଳୀ ମାନବ ନିଜକୁ ନ ଚିହ୍ନି
ପାଲଟିଥିଲା ଶ୍ରମିକ,
ବାତାବରଣକୁ ବ୍ୟାକୁଳିତ କରି
ସାଜିଥିଲା ସେ ଘାତକ ॥

ଧୀରେ ଧୀରେ ବୁଝିପାରୁଛି ସେ ନର
ଧରଣୀକୁ ଅତ୍ୟାଚାର ଫଳ,
ବିଜ୍ଞାନ ପ୍ରୟୋଗ ଚମତ୍କାର ପୁଣି
ଆଣି ପାରେ ବିଶ୍ୱେ ହାହାକାର ॥

ଧରମ ଭାବନା ଜାବୁଡ଼ି ଧରୁଛି
କୃତ କର୍ମଫଳ କରି ଚିନ୍ତା,
ପ୍ରଣତି ଢାଳୁଛି ହାତ ଟେକିଦେଇ
ରକ୍ଷା କର, ବିଶ୍ୱ ନିୟନ୍ତା ॥

ଯେତିକି ନିର୍ଦ୍ଦୟ ହେଲ ପ୍ରଭୁ ତୁମେ
ଶିକ୍ଷା ସର୍ତ୍ତକର ଦେଇ ବାଣୀ,
ତୁମ ଇଙ୍ଗିତରେ ଧରା ପୁଣି ହସୁ
ଦୁଃଖ ରାତି ପାହୁ ଏ ମାଗୁଣି ॥

+ଭୁବନେଶ୍ୱର

ବହୁ ପ୍ରତୀକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଲା
ଦୀପକ ରଂଜନ ମିଶ୍ରଙ୍କର
'ବିଭାଜନର ଭୁକ୍ତଭୋଗୀ'ର ପ୍ରଥମ ଭାଗ



ପ୍ରକାଶକ : ପ୍ରତୀଚୀ ସାହିତ୍ୟ ପ୍ରତିଷ୍ଠାନ, ସୋନପୁର

ADMISSION OPENS FOR YEAR 2021-22
PANDA I.T.I
(Affiliated to NCVT, Govt, of India, New Delhi)
BAISINGA, MAYURBHANJ
TRADE: FITTER, ELECTRICIAN, ELECTRONICS MECHANIC, CUTTING & SEWING
QUALIFICATION: 10th Pass or above
ଯେଉ SC/ST ଛାତ୍ରଛାତ୍ରୀମାନେ PANDA I.T.I. ରେ ଆଡମିଶନ ନେବା ପାଇଁ ଚାହୁଁଛନ୍ତି, ସେମାନଙ୍କୁ I.T.I. ରେ ଆଡମିସନ ସମୟରେ କୌଣସି ଫି ଦେବାକୁ ପଡ଼ିବ ନାହିଁ। I.T.I. ର Course Fee, Tuition Fee, Exam Fee etc. ସମସ୍ତ ଖର୍ଚ୍ଚ Scholarship ଟଙ୍କା ଆସିଲା ପରେ ଅନୁଷ୍ଠାନକୁ ପଇଠ କରିପାରିବେ।
Rangamatia, Baisinga, Mayurbhanj (Odisha) - 757028
Contact: 9437034670, 9861901456, 9777494049, 9861481608

With Best Compliments from:
KALINGA ELECTRICAL CORPORATION
KACHERY ROAD,
BALASORE -756001 (ORISSA)
PH : 265976, 262432(S), FAX : (06782) 265927

"ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ପରିଚାଳନା ପରିଷଦ" ତରଫରୁ .....

## ।। ଶୁଭେଚ୍ଛା ।।

ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ତାର ଦୀର୍ଘ ୩୫ ବର୍ଷ ଧରି ତା'ର ଯାତ୍ରା ପଥରେ ଆଗେଇ ଚାଲିଛି । ଏକ ଘରୋଇ ପରିଚାଳିତ ମହାବିଦ୍ୟାଳୟ ରାଜ୍ୟ ଓ ରାଷ୍ଟ୍ରୀୟ ସ୍ତରରେ ଏକ ସୁନ୍ଦର ଗ୍ରାମୀଣ ପରିବେଶରେ ସୁନାମ ଅର୍ଜ୍ଜନ କରିଥିବା କ୍ରୀଡ଼ା ଜଗତର ଏକ ଅନନ୍ୟ ପ୍ରତିଷ୍ଠାନ । ଏହି ଅନୁଷ୍ଠାନ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତିଆରି କରି ବ୍ୟାପକ ନିଯୁକ୍ତି ଦିଗ ସୃଷ୍ଟି କରି ପାରିଛି । ଏହି ଶାରୀରିକ ମହାବିଦ୍ୟାଳୟରେ ବହୁ ଛାତ୍ରଛାତ୍ରୀ ଅଧ୍ୟୟନ କରି କ୍ରୀଡାବିତ୍ ହେବାର ସୁବିଧା ସୁଯୋଗ ହାସଲ କରିଛନ୍ତି । 'ଧ୍ୱନି ପ୍ରତିଧ୍ୱନି'ର ୨୭ତମ ସ୍ୱନକ୍ଷତ୍ର ଦିବସ ଶୁଭ ଅବସରରେ ଉତ୍କଳର ସାହିତ୍ୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା, ଏହାର ପରିବାର ବର୍ଗଙ୍କୁ ଓ ଅଗଣିତ କ୍ରୀଡାବିତ୍‌ଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛୁଁ ।

ସଭାପତି | ଭାରପ୍ରାପ୍ତ ଅଧ୍ୟକ୍ଷ | ସଭ୍ୟ ସଚିବ

# ।। ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ସୁରେନ୍ଦ୍ର ।।

**ସୁଧାଂଶୁ ଶେଖର ଦ୍ୱିବେଦୀ**



ଅନେକ ସମୟରେ ଲୋକମାନେ ତାଙ୍କୁ ନାରୀ ବେଶ ହୋଇ ଯାଉଥିବା ଦେଖି ଆଶ୍ଚର୍ଯ୍ୟ ଚକିତରେ ଜଣେ ଜଣଙ୍କୁ ପଚାରି ହୁଅନ୍ତି, 'ଏ ଯେଉଁ ସ୍ତ୍ରୀ ଲୋକଟି ମୁଣ୍ଡରେ ହାତେ ଓଢଣା ଟାଣି ଯାଉଛନ୍ତି ସେ କିଏ ?' ସନ୍ଦେହ ଭିତରେ ସମସ୍ତେ ଅଡୁଆରେ ପଡି ଯାଆନ୍ତି । କେହି କିଛି ଜାଣି ପାରନ୍ତି ନାହିଁ ସେହି ବ୍ୟକ୍ତି ଜଣକ କିଏ ବୋଲି ।କିନ୍ତୁ ସେହି ବ୍ୟକ୍ତି କେତେ କେତେ ପ୍ରକାର ଛଦ୍ମ ଆବରଣରେ ରହି ଦେଶ ପାଇଁ ନିଜକୁ ଉତ୍ସର୍ଗ କରି ସ୍ୱାଧୀନତାର ମଶାଲ ଧରି ଆଗକୁ ଆଗେଇ ଯାଇଛନ୍ତି ।

ପ୍ରକୃତରେ ସେ ନାରୀ ନଥିଲେ । ଓଡିଶା ମୁକ୍ତି ଆନ୍ଦୋଳନର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ । ଭାରତ ସ୍ୱାଧୀନତାପାଇଁ ଓଡ଼ିଶାର ଯେଉଁ କେତେଜଣ ସଂଗ୍ରାମୀ ନିଜ ଜୀବନକୁ ଦେଶ ମାତୃକାର ସେବାରେ ଜଳାଞ୍ଜଳି ଦେଇ ଥିଲେ ସେମାନଙ୍କ ମଧ୍ୟରେ ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ ପରିଚିତ ନାମଟିଏ ।

ବାଲେଶ୍ୱର ଜିଲ୍ଲା ବଙ୍ଗୋପ ସାଗର କୂଳବର୍ତ୍ତି ଭୀମପୁର ଗ୍ରାମ ରେ ୧୮୯୮ ମସିହା ମଇ ମାସ ୧୩ ତାରିଖରେ ସେ ଜନ୍ମିଥିଲେ । ଗାଁ ଚାଟଶାଳୀ ପାଠ ଶେଷ କରିବା ପରେ ମେଟ୍ରିକ ପଢିଲେ । ମେଟ୍ରିକ ପରୀକ୍ଷାରେ କୃତୀତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ପୋଲିସ ଇନସପେକ୍ଟର ଭାବେ ନିଯୁକ୍ତି ପାଇଲେ । ସେତେବେଳେ ସାରା ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଚାଲି ଥାଏ । ସେଥିପାଇଁ ପ୍ରତ୍ୟକଟି ଜିଲ୍ଲାରେ ଜଣେ ଲେଖାଏଁ ନେତା ବା ସର୍ଦ୍ଦାର ନିଯୁକ୍ତି କରା ହେଉଥିଲା । ବାଲେଶ୍ୱର ଜିଲ୍ଲା ପାଇଁ ନେତୃତ୍ୱ ନେଇଥାନ୍ତି ଡାକ୍ତର ହରେକୃଷ୍ଣ ମହତାବ । ତାଙ୍କ ଘର ଭଦ୍ରକରେ । ଅନେକ ସମୟରେ ସେ ଭଦ୍ରକରୁ ବାଲେଶ୍ୱର ଆସି ସ୍ୱାଧୀନତାର ବାର୍ତ୍ତା ସଭା ସମିତି ମାଧ୍ୟମରେ ପ୍ରଚାର କରୁଥାନ୍ତି ।ଉକ୍ତ ସଭାରେ ବହୁ ବାରେଣ୍ୟ ନେତୃବୃନ୍ଦ ଯୋଗ ଦିଅନ୍ତି । ସେମାନଙ୍କ ମଧ୍ୟରୁ ସୁରେନ୍ଦ୍ର ଦାସ ମଧ୍ୟ ଜଣେ ଥିଲେ ।ସଭାରେ ହେଉ ଥିବା ଦେଶଭକ୍ତ ମାନଙ୍କର ମାତୃଭୂମି ପାଇଁ ବଳିଦାନର ଗାଥା ଶୁଣି ସୁରେନ୍ଦ୍ର ଦେଶପ୍ରୀତିରେ ବିମୁଗ୍ଧ ହୋଇଯାଇଥିଲେ ।

ଦେଶ ମାତୃକା ଲାଗି ସେ ଏଭଳି ଆକର୍ଷିତ ହୋଇ ପଡିଥିଲେ ଯେ ଦିନେ ନିରୋଳାରେ ଡାକ୍ତର ମହତାବଙ୍କୁ ସାକ୍ଷାତ କରି କହିଲେ, 'ପୋଲିସ ଚାକିରି ଛାଡ଼ିଦେବି ।'

– 'ପୋଲିସ ଚାକିରି ଛାଡ଼ିଦେଇ କଣ କରିବ ?' ମହତାବ ତାଙ୍କୁ ପଚାରିଲେ ।

– 'ଦେଶ ସେବା କରିବି । ଦେଶର କେତେ କେତେ ସଂଗ୍ରାମୀ ଯେତେବେଳେ ନିଜ ଜୀବନକୁ ପାଣି ଛଡେଇ ମାତୃଭୂମିକୁ ବଞ୍ଚାଇବା ପାଇଁ ପାଦ ବଢ଼ାଇଛନ୍ତି ମୁଁ ସେମାନଙ୍କ ତୁଳନାରେ ଗୁଣ୍ଡୁଚିଟିଏ ହୋଇ କିଛି କରିବାର ସୁଯୋଗ ଦିଅନ୍ତୁ ।ମୋତେ ଏତିକି କରିବାକୁ ଅନୁମତି ଦିଅନ୍ତୁ ମୁଁ ଯେମିତି ଦେଶର ହିତ ପାଇଁ କିଛି କରି ପ୍ରାଣବଳୀ ଦେଇ ପାରେ ।' ସୁରେନ୍ଦ୍ର କାକୁସ୍ଥ ହୋଇ ନିଜ ମନର ବ୍ୟଥାକୁ ଜଣାଉଥାନ୍ତି ।

ଡାକ୍ତର ମହତାବ ସୁରେନ୍ଦ୍ରଙ୍କ ଦେଶପ୍ରୀତିର ଝଲକ ଦେଖି ବିମୁଗ୍ଧ ହୋଇ କହିଲେ, 'ମୁଁ କହିଦେଲେ କିଛି ହେବନାହିଁ ସୁରେନ୍ଦ୍ର ନିଜ ମନକୁ ବୁଝେଇ ତୁମେ ଯାହା ସ୍ଥିର କରିବ ତାହାହିଁ ଉଚିତ ହେବ ।'

ଡାକ୍ତର ମହତାବଙ୍କଠାରୁ ଭରଷା ମୂଳକ କଥା ଶୁଣି ସୁରେନ୍ଦ୍ର ପୋଲିସ ଚାକିରିରୁ ଇସ୍ତଫା ଦେଇ ସ୍ୱାଧୀନତା ସଂଗ୍ରାମରେ ଲମ୍ଫ ପ୍ରଦାନ କଲେ । ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରିବା ସହିତ ବିଭିନ୍ନ ଉନ୍ନୟନ ମୂଳକ ସମାଜ କଲ୍ୟାଣ କାର୍ଯ୍ୟ କଲେ । ପୋଖରୀ ସଫା କରିବା, ରୋଗୀକୁ ଔଷଧ ବାଣ୍ଟିବା, କୌଣସି ବ୍ୟକ୍ତି ଅସୁବିଧାରେ ପଡ଼ିଥିଲେ ତାକୁ ସାହାଯ୍ୟ କରିବା ଇତ୍ୟାଦି କାର୍ଯ୍ୟ କରି ସେ ଲୋକ ମାନସରେ ଜଣେ ଆଦର୍ଶ ବ୍ୟକ୍ତି ରୂପେ ପରିଚିତ ହେଲେ । ସେତେବେଳେ ବାଲେଶ୍ୱର ଜିଲ୍ଲାର ଫରାସୀଡିଙ୍ଗା ଅଞ୍ଚଳଟି ଫରାସୀ ମାନଙ୍କର ତତ୍ତ୍ୱାବଧାନରେ ଥାଏ । ସେଠାରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଲଢ଼ିଲେ ସେମାନେ କିଛି ଅନିଷ୍ଟ କରି ପାରିବେ ନାହିଁ ।ତେଣୁ ସେଇଠାରେ କଂଗ୍ରେସ ଅଫିସ ଖୋଲା ଗଲା । ସୁରେନ୍ଦ୍ର ସେହି ଅଫିସ ଦାୟିତ୍ୱରେ ରହିଲେ ।

୧୯୩୦ ମସିହା ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ସୁରେନ୍ଦ୍ରଙ୍କ ସ୍ଥାନ ଅତୁଳନୀୟ । ଇଞ୍ଚୁଡି ଗ୍ରାମଟି ଲୁଣ ମାରିବାପାଇଁ ଉପଯୁକ୍ତ ବେଳାଭୂମି ଥିଲା ।ତେଣୁ ୧୯୩୦ ମସିହା ଏପ୍ରିଲ ୧୨ ତାରିଖ ରେ ଲବଣ ସତ୍ୟାଗ୍ରହର ଦିନକ ପୂର୍ବରୁ କଲ୍ୟାଣଜୀଙ୍କ ସହିତ ସୁରେନ୍ଦ୍ର ଗିରଫ ହେଲେ । ସାଧାରଣ ଜନତାଙ୍କୁ ସେ ଏଭଳି ଉତ୍ତେଜିତ କରି ରଖିଥିଲେ ଯେ ଫଳରେ ଇଂରେଜ ପୋଲିସଙ୍କୁ

କେହି ସାହାଯ୍ୟ କଲେ ନାହିଁ ।ସୁରେନ୍ଦ୍ର ପୋଲିସଙ୍କ କବଳରୁ ଖସିଆସି ଛଦ୍ମ ବେଶରେ ଲବଣ ସତ୍ୟାଗ୍ରହରେ ଭାଗ ନେଲେ । ସୁରେନ୍ଦ୍ର ସେ ଅଞ୍ଚଳରେ ସର୍ଦ୍ଦାର ଥାଆନ୍ତି । ସେ ଯାହା କୁହନ୍ତି ସାଧାରଣ ଜନତା ମୁଣ୍ଡପାତି କରିଥାନ୍ତି । ସେଥିପାଇଁ ସେ ସର୍ଦ୍ଦାର ସୁରେନ୍ଦ୍ର ନାମରେ ପରିଚିତ ହେଲେ । ସତ୍ୟାଗ୍ରହ କ୍ଷତ୍ରରେ ସର୍ବ ଭାରତୀୟ ସ୍ତରରେ ଦାଣ୍ଡି ପରେ ଇଞ୍ଚୁଡିର ସ୍ଥାନ ରହିଲା । ଅଫିମ, ମଦ, ବିଦେଶୀ ଲୁଗାର ଘୋର ବିରୋଧ କରି ସର୍ଦ୍ଦାର ସୁରେନ୍ଦ୍ର ସହର ବଜାର ଦୋକାନ ଆଗରେ ବାରମ୍ବାର ପିକେଟିଂ କରୁଥିଲେ ।ଏଥିପାଇଁ ସେ ୧୯୩୨ ମସିହାରେ ବାଲେଶ୍ୱର ସହରରେ ପିକେଟିଂ କରୁଥିବା ବେଳେ ଗିରଫ ହୋଇ ଜେଲକୁ ଗଲେ ।ସେ ବିଭିନ୍ନ ସମୟରେ କାରାବରଣ କରି ଅର୍ଥ ଦାଣ୍ଡରେ ଦଣ୍ଡିତ ହୋଇଛନ୍ତି । କଟକ, ବ୍ରହ୍ମପୁର, ବିହାର, ବାଲେଶ୍ୱର ପ୍ରଭୃତି ଅନେକ ସ୍ଥାନରେ ସେ ଜେଲ ଜୀବନ ବିତାଇଛନ୍ତି ।

ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ ୧୯୪୬ ଓ ୧୯୫୨ ମସିହାରେ ଦୁଇ ଦୁଇ ଥର ଓଡ଼ିଶା ବିଧାନ ସଭାର ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ । ସେ ସମୟରେ ଗମନାଗମନର ସୁବିଧା ପାଇଁ ଭଲ ରାସ୍ତାର ସୁବିଧା ନଥାଏ । ସର୍ଦ୍ଦାରଙ୍କ ପ୍ରଚେଷ୍ଟାରେ ବାଲେଶ୍ୱରଠାରୁ ଗୋପାଳପୁର ଯାଏ ଦୀର୍ଘ ୨୪ କି:ମି: ରାସ୍ତା ନିର୍ମାଣ କରାଇବାରେ ଅତ୍ୟନ୍ତ ମହତ କାର୍ଯ୍ୟ କରିଥିଲେ ।ଯାହାର ନାମ ଦିଆ ହୋଇଥିଲା ନିମିକି ସଡକ ।

ଦେଶର ହିତ ପାଇଁ, ଦେଶର ମୁକ୍ତି ପାଇଁ କେତେ କେତେ ଘାତ ପ୍ରତିଘାତର ସମ୍ମୁଖୀନ ହୋଇ ଦ୍ୱିତୀୟ ସର୍ଦ୍ଦାର ଭାବେ ଖ୍ୟାତ ଆଦର୍ଶ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ନାଥ ଦାସଙ୍କର ୧୯୭୨ ମସିହା ମଇ ମାସ ୨୨ ତାରିଖରେ ଜୀବନ ପ୍ରଦୀପ ଲିଭି ଯାଇଥିଲା ।

+ ବିସି-୭୪ ,ସଲଟ ଲେକ,
କଲକତା-୬୪
ମୋ-୯୬୮୧୩୭୩୫୧୨

with best Compliments from : (M) 9439656277



## SIDDHESWAR COLLEGE OF PHAR-MACEUTICAL SCIENCES

At/Po : Amarda Road- 756030 Dist : BALESWAR, ODISHA

Approved by Pharmacy Council of India, New Delhi, Govt of Odisha

&

Affiliated to Odisha State Board of Pharmacy

Bhubaneswar



## ସ୍ୱପ୍ନଦେଖା

**ଚନ୍ଦ୍ରଶେଖର ସାହୁ**

ଭାଙ୍ଗିଯାଇଥିବା
ସ୍ୱପ୍ନର ଖପରା ସବୁକୁ
ଯୋଡୁଅଛି ଜୀବନସାରା
ଏଣୁ ତେଣୁ ଶବ୍ଦରେ
ଲେଖୁଛି କବିତା
ସ୍ୱପ୍ନ ବି ବେଳେବେଳେ
ଲୁହ ପୋଛିଦିଏ
ଆଗକୁ ଯିବାକୁ ବାଟ ବତାଏ ।
ଏତେ ପରେ ବି
ସ୍ୱପ୍ନ ଦେଖି ହୁଏନା ରାତିସାରା ।

ଅଧା ସ୍ୱପ୍ନ ଭିତରେ
ନିଦ ଭାଙ୍ଗିଯାଏ ।
ପୁରା ସ୍ୱପ୍ନ ଦେଖିବାକୁ
କେହି କେବେ ନିଦରେ
ହଜିଯାଏ ନାହିଁ ।
ଅଧା ଅଧା ସ୍ୱପ୍ନ ଦେଖି
ଭବିଷ୍ୟତ ଗଣନା କରିନେଉ
ଭଙ୍ଗା ଗଢ଼ା ଦୁନିଆଁ ଭିତରୁ
ସ୍ୱପ୍ନ ଦେଖା ସରେ ନାହିଁ
ଭାଙ୍ଗିଯାଇଥିବା
ସ୍ୱପ୍ନକୁ ଯୋଡ଼ିଯୋଡ଼ି
ନିଜପାଇଁ ରାସ୍ତାଟିଏ
ତିଆରି କରୁଛି
ଅବଶିଷ୍ଟ ଆୟୁଷକୁ ଲକ୍ଷ୍ୟ କରି ।

+କସପା, ଅହିୟାସ,
ଯାଜପୁର-୭୫୫୦୩୬
ମୋ: ୭୮୭୩୬୯୩୮୦୩

## WISDOM

Wisdom here! Choice yours!

SCIENCE HIGHER SECONDARY SCHOOL

+2 SCINECE RESIDENTIAL

Issan Nagar, Near Central School, Bhoisahi, Balasore - 756001. Odisha

*Congratulations*




**W**illing to study for self building
**I**llumining self with knowledge
**S**incere urge to hit the target
**D**evoted to achieve dream
**O**ne pointedness for study
**M**anner mechanism

100% RESULT CHSE 2021




FROM THE DESK OF CHAIRPERSON | OUR MISSION

Trying to walk on a different track altogether, we at WISDOM just focus on enabling our young learners to the valuable assets for the society. We instill confidence in them so that they can prepare themselves to face the bigger challenges that lie ahead. Let the students and their parents feel that they have chosen the right institute that cater to their academic needs.

Admission open for new Session 2021-2023

| YEAR | NO. OF STUDENTS | RESULT |
|---|---|---|
| 2018 | 186 | 100% |
| 2019 | 215 | 99% |
| 2020 | 212 | 99% |
| 2021 | 209 | 100% |

Contact: 7064403012, 7064403135, 7064403137, 7064403010, 7064403130, 9861904727, Ph: 06782 - 261505, 262507 I E-mail: wisdom.wsc@gmail.com



ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାର ଅଗଣିତ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା । ଏହି ମହାନ ଦିବସରେ ଆମ ଦେଶପାଇଁ ବଳିଦାନ ଦେଇଥିବା ମହାପୁରୁଷ ମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କ ଆଦର୍ଶରେ ଚାଲିବାକୁ ଶପଥ ନେବା ଓ ଆଜି ଧ୍ୱନି ପ୍ରତିଧ୍ୱନିର ୩୧ତମ ସ୍ୱନକ୍ଷତ୍ର ଅବସରରେ ଏକ ସ୍ୱତନ୍ତ୍ର ବିଶେଷାଙ୍କ ପ୍ରକାଶ ଅବସରରେ ପରିବାରର ସମସ୍ତ ସଦସ୍ୟଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

**ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ**
ପୂର୍ବତନ ସଭାପତି,
ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

## ମୋନା ପକ୍ଷରୁ ନିଶା ବିରୋଧରେ ସଚେତନତା ବୈଠକ

ଜଳେଶ୍ୱର ୧୪/୮(ନି.ପ୍ର): ପଶ୍ଚିମବଂଗରୁ ବ୍ୟାପକ ମାଦକ ଦ୍ରବ୍ୟ ଓଡିଶାକୁ ପ୍ରତିଦିନ ଆସୁଥିବା ବେଳେ ଏହା ବିରୋଧରେ ଜନମତ ସୃଷ୍ଟି ଓ ସଚେତନତା ଲାଗି ଆଜି ମୋନା ପକ୍ଷରୁ ଦିଗମ୍ବରୀଦେବି ଗ୍ରୁପ ଅଫ ଇନିଷ୍ଟିଚ୍ୟୁଟ ଶିଳ୍ପ ତାଲିମ କେନ୍ଦ୍ର ପରିସରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଦିଲ୍ଲିପ କୁମାର ଗିରି ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ତଥା ସମାଜସେବୀ କିଷାନ ପଟ୍ଟନାୟକଙ୍କ ସହଧର୍ମୀଣୀ ବାଣିଦାସ, ମୋନାର ଅନ୍ୟତମ ମୁଖ୍ୟ ମଳୟ ତ୍ରିପାଠୀ, କର୍ମଚାରୀ ସଂଗଠନର ସୁଭେନ୍ଦୁ ରାଉତରାୟ, ତପସ୍ୱିନୀ କର, ଡ. ଅଜିତ୍ ମହାନ୍ତି ପ୍ରମୁଖ ନିଶା ନିବାରଣରେ ସଚେତନତାର ଅଭାବ ଓ ଏଥିଲାଗି ସରକାରୀ ଉଦାସିନତାକୁ ଦାୟୀକରି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ନୀଳକଣ୍ଠ ଖଣ୍ଡା, ସୀତାଂଶୁ ସେନାପତି, ଡ, ଲଳୀତ ସେନାପତି, ମମି ପଣ୍ଡା, ନିର୍ମାଳା ମହାନ୍ତି, ସୁମନ୍ତ ଘୋଷ, ଭାସ୍କର ମିଶ୍ର, ରବିନ୍ଦ୍ର ସେନାପତି, ସୁକୁମାର ରଣା, ଅଶୋକ ଜେନା, ରାଜେଶ ମହାନ୍ତି , ନଳୀନୀ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମଦ୍ରାସା ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର,୧୪/୦୮ (ନି.ପ୍ର): ଓଡ଼ିଶା ମଦ୍ରାସା ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାହିର(ଯୁକ୍ତ-୨)ର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଏହି ମାହିର ପରୀକ୍ଷାରେ ୫୮ ଜଣ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି ଏବଂ ୩୪୭ ଜଣ ପ୍ରାଇଭେଟ୍ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୩୪ ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି । ମୋଟ ୪୦୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯୨ ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୯୬.୭ ପ୍ରତିଶତ ରହିଛି । ଭଦ୍ରକ ଜିଲ୍ଲାର ଶେଖ ସରଫରାଜ୍ ଆଲମ୍ ଏହି ପରୀକ୍ଷାରେ ୮୨.୫ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମଦ୍ରାସା ବୋର୍ଡର ୱେବ୍‌ସାଇଟ୍ କୃତ୍ୱଭଞ୍ଜର.କୃକ୍ୱଶ.ସଭ ରୁ ଛାତ୍ରାଛାତ୍ରୀ ସେମାନଙ୍କର ପରୀକ୍ଷା ଫଳ ଜାଣିପାରିବେ ବୋଲି ମଦ୍ରାସା ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି ।

# ଧଳାଜହର ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତି ଲାଗି ପ୍ରୟାସ ଆରମ୍ଭ



ଜଳେଶ୍ୱର ୧୪/୮(ନି.ପ୍ର): ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱରରେ ଧଳାଜହର କାରବାର ଦିନକୁ ଦିନ ବଢୁଥିବା ବେଳେ ଅବକାରୀ କିମ୍ବା ଏସ୍‌ଟିଏଫ ତାର ମୂଳ ଉତ୍ପାଟନ କରିପାରୁ ନାହିଁ । ଫଳରେ ଧଳା ଜହର ଚୋରା ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ସମଗ୍ର ଓଡିଶାରେ ଚଳାଇ ଆସୁଥିବାରୁ ପ୍ରଶାସନ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏସ୍‌ଟିଏଫ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱରର କୁଖ୍ୟାତ ଧଳାଜହର ବ୍ୟବସାୟୀ ସେଖ୍ ସମୀରୁଦ୍ଦିନ ଓରଫ ଟାକୁଲୁ ରାଜା ତାର ନିଶାକାରବାର ସୁଦୂର ବାଂଲାଦେଶ ଓ ପଶ୍ଚିମବଂଗରରୁ ଆରମ୍ଭ କରି ଓଡିଶାର ବିଭିନ୍ନ ସ୍ଥାନରେ ଚଳାଇ ଆସୁଥିଲା । ତା ନାମରେ ବହୁ ଅଭିଯୋଗ ଥିଲେ ମଧ୍ୟ ସେ ଫେରାର ହୋଇ ନିଶାକାର ଚଳାଉଥିଲା । କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କରିବା ସହିତ ନିଜ ନାମରେ ଓ ସମ୍ପର୍କୀୟଙ୍କ ନାମରେ ବହୁ ସମ୍ପତ୍ତି କିଣିଥିବା ଏସ୍‌ଟିଏଫ ଜାଣିବାକୁ ପାଇଥିଲା । ଗିରଫ ଭୟରେ ଗତ ଏପ୍ରିଲମାସରେ ବାଲେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଆତ୍ମସମର୍ପଣ କରିବା ପରେ ସେ ଏବେ ଜେଲରେ ରହିଛି । ଏସ୍‌ଟିଏଫ ଟିମ୍ ଜଳେଶ୍ୱର ସବ୍‌ରେଜେଷ୍ଟ୍ରି ଅଫିସ୍‌ରେ ପହଞ୍ଚି ତାର ପତ୍ନୀ, ପରିବାର ସଦସ୍ୟଙ୍କ ନାମିତ ରାଜପୁର ଓ ଝାଡେଶ୍ୱରପୁର ମୌଜାରେ ଥିବା କୋଟି କୋଟି ଟଙ୍କାର ସମ୍ପତ୍ତି ର ଦଲିଲ ବାହାର କରି ଖୋଳତାଳ ଆରମ୍ଭ କରିଛି । ଏହି ଖବର ପ୍ରଚାରିତ ହେବାପରେ ନିଶାବେପାରୀ ମନରେ ଛନକା ପଶିଛି ।

# ଜାତୀୟ ରଗବି ଦଳରେ ଏସଭିଏସର ଛାତ୍ରୀ

## ଜିଲ୍ଲାରୁ ମନୋନୀତ ୪ ଛାତ୍ରୀଙ୍କୁ ଏସଭିଏସରେ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା,୧୪/୦୮ (ନି.ପ୍ର): ଆଗାମୀ ମାସରେ ଉଜବେକିସ୍ଥାନ ଠାରେ ଅନୁଷ୍ଠିତ ହେବାକୁ ଥିବା ରଗବି ଚମ୍ପିୟାନସିପ ପାଇଁ ସମ୍ଭବ୍ୟ ୫୪ ଜଣିଆ ଭାରତୀୟ ଦଳର ତାଲିକା ପ୍ରକାଶ ପାଇଛି । ଉକ୍ତ ଦଳରେ ଓଡିଶାରୁ ୧୨ ଜଣ ଖେଳାଳୀ ରହିଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାରୁ ୪ଜଣ, ବାଲେଶ୍ୱରରୁ ଜଣେ ଓ କିସ ଭୁବନେଶ୍ୱର ରୁ ୭ଜଣ ରହିଛନ୍ତି । ପ୍ରକାଶ ଥାଉକି ମୟୂରଭଞ୍ଜର ୪ଜଣ ଖେଳାଳୀ ମଧ୍ୟରୁ ବାରିପଦା ଶିରିଶବଣି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର ଛାତ୍ରୀ ପୁଲକ ମଞ୍ଜରୀ ମହାନ୍ତ ଅନ୍ୟତମ । ତେବେ ଆଜି ଏହି ସଫଳତା ପାଇଁ ଏସଭିଏସ ପକ୍ଷରୁ ଜିଲ୍ଲାରୁ ମନୋନୀତ ହୋଇଥିବା ୪ଜଣ ଖେଳାଳୀ ଓ ଖେଳ ପ୍ରଶିକ୍ଷକ ଆନ୍ତର୍ଜାତୀୟ ରଗବି ରେଫରୀ ଦିବ୍ୟ ରଞ୍ଜନ ଦାସ ଙ୍କୁ ସମ୍ମାନୀତ କରାଯାଇଛି । ବିଦ୍ୟାଳୟର ଅଧକ୍ଷା ବୀଣାପାଣି ଦାସ ସମସ୍ତ ଖେଳାଳୀଙ୍କ ମଙ୍ଗଳ କାମନା କରିବାସହ ସେମାନେ ଯେପରି ଭାରତ ପାଇଁ ଖେଳି ଦେଶକୁ ଗୌରବାନ୍ୱିତ କରିବେ ସେଦିଗରେ ସେମାନଙ୍କୁ ଉତ୍ସାହିତ କରିଥିଲେ । ମୟୂରଭଞ୍ଜ ଭଳି ଜିଲ୍ଲାରେ ରଗବିର ସଂପ୍ରସାରଣ ପାଇଁ ଦିବ୍ୟ ରଞ୍ଜନ ଦାସଙ୍କ ପ୍ରଚେଷ୍ଟାକୁ ମଧ ପ୍ରଶଂସା କରିଥିଲେ । ଏସଭିଏସର ଏହି ସଫଳତା ପାଇଁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମାନଙ୍କ ମଧରେ ଆନନ୍ଦର ଲହରୀ ଖେଳି ଯାଇଛି ।

## ୧୭ କୃଷି ଶ୍ରମିକଙ୍କୁ ମାଲିକ ଦେଲାନି ପାରିଶ୍ରମିକ : ଫାଣ୍ଡି ଆଗରେ ଧାରଣା

ଜଳେଶ୍ୱର ୧୪/୮(ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ଖୁଦିଆମାଝିସାହି ପଂଚାୟତର ଗୋପାଳପ୍ରସାଦ ଗାଁର ୧୭ଜଣ ଶ୍ରମିକ ଆଜି ଜଳେଶ୍ୱର ଥାନ୍ତର୍ଗତ ସମ୍ପତ୍ତିଆ ଗାଁ ନବକୁମାର କାମିଲାଙ୍କ ଧାନବିଲ ରୋଇବାକୁ ଆସିଥିଲେ । ମାଲିକ ଶ୍ରମିକ ମାନଙ୍କୁ ୩୪୦ଟଙ୍କା ଲେଖାଁଏ ପାରିଶ୍ରମିକ ଦେବାର ଚୁକ୍ତି କରିଥିବା ବେଳେ କାମଶେଷରେ ୨୮୦ଟଙ୍କା ଦେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଶେଷରେ ସେହି ଗାଁରେ ଥିବା କ୍ଷେତମଜଦୁର ୟୁନିୟନ ପକ୍ଷରୁ ପଲ୍ଟୁ ଦାସ, ଦୀପ୍ତିମାନ ଆଚାର୍ଯ୍ୟ, ସେକ୍ ଅବଦୁଲ ସାର୍ଦ୍ଦିକ, ରହିମ ଖାଁ, ଦିଲ୍ଲିପ ଘୋଷ, ସତ୍ୟଗୋପାଳ ଜେନା ଓ ଦିଲ୍ଲିପ ସିଂ ପ୍ରମୁଖ କୃଷି ଶ୍ରମିକଙ୍କ ସହିତ ନାମ୍ପୋ'।ଣ୍ଡି ଯାଇ ଧାରଣାରେ ବସିବା ସହିତ ଅଭିଯୋଗ କରିଥିଲେ । ପୁଲିସ୍ ନବକୁମାର କାମିଲାଙ୍କୁ 'ାଣ୍ଡିକୁ ଡକାଇ ଆଲୋଚନା କରିଥିଲେ ମଧ୍ୟ ରାତି ୮ଟା ସୁଦ୍ଧା ସମସ୍ୟାର ସମାଧାନ ହୋଇନଥିଲା । କୃଷି ଶ୍ରମିକଙ୍କୁ ୨୮୦ଟଙ୍କା ଲେଖାଁଏ ପାରିଶ୍ରମିକ ଦେବାର ନବକାମିଳା ଚୁକ୍ତି କରିଥିଲେ ବୋଲି ପୁଲିସ୍‌କୁ କହିଛନ୍ତି । ପ୍ରକାଶଯୋଗ୍ୟ ରାଇବଣିଆ ଅଂଚଳରୁ ପ୍ରତିଦିନ ଶହ ଶହ କୃଷିଶ୍ରମିକ ଖୋଲା ପିକ୍‌ଅପ୍‌ରେ ଚାଉଳବସ୍ତା ଭଳି ଲଦାହୋଇ ଆସୁଥିବାରୁ ଏହା ବିପଦ ସୃଷ୍ଟି ହୋଇପାରେ ବୋଲି ଆଲୋଚନା ହେଉଛି ।

# ରାଇରଙ୍ଗପୁରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଶିବିର




ବାରିପଦା/ରାଇରଙ୍ଗପୁର,୧୪/୦୮ (ନି.ପ୍ର): ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା କାର୍ଯାଳୟ ପକ୍ଷରୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ଶିବିର ବି.ଇ.ଓ. ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି ଓ ରାଇରଙ୍ଗପୁର ବି.ଇ.ଓ. ପ୍ରକାଶ ଚନ୍ଦ୍ର ମହାଳିକ ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ ଓ ପ୍ରଶିକ୍ଷକ ଭାବେ ଗୋରୁମହିଷାଣି ଶିକ୍ଷା ପ୍ରତିଷ୍ଠାନର ପ୍ରଶିକ୍ଷକ ପ୍ରଫୁଲ କୁମାର ଗୋଛାୟତ ଓ ସରସ୍ୱତୀ ସୋରେନ ଯୋଗଦେଇ ୨୦ ଜଣ ଶିକ୍ଷକ ଓ ୧୨ ଜଣ ସି.ଆର.ସି.ସିଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପଦର୍ଶନ ବିଷୟରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ ଓ ଏହି ଶିବିରରେ ବି.ଆର.ସି.ସି ରମାକାନ୍ତ ସେଠୀ, ଏ.ବି.ଇ.ଓ କାର୍ତ୍ତିକ ଚନ୍ଦ୍ର କାରୁଆ ଓ ନମିତା ସେଠୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ସି.ଆର.ସି.ସି ସୁଶାନ୍ତ କୁମାର ପରୀକ୍ଷା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଶେଷରେ ପ୍ରଧାନ ଶିକ୍ଷକ ରାମ ଚନ୍ଦ୍ର ହେମ୍ବ୍ରମ, ଶିକ୍ଷକ ତଥା ବାଲୁକା ଶିଳ୍ପୀ ଅଜୟ କୁମାର ଘୋଷ, ସି.ଆର.ସି.ସି ଉର୍ମିଳା ପାଣି, ଅନୁପମା ନନ୍ଦ, ଦିପ୍ତୀରେଖା ମହାନ୍ତି, ଅଜିତ ମଣ୍ଡଳ, ମନୋରଞ୍ଜନ ମଣ୍ଡଳ ପ୍ରମୁଖ ସୁନ୍ଦର ଟି.ଏଲ.ଏମ ପ୍ରସ୍ତୁତି କରିବା ସହିତ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପ୍ରକାଶ ପାଇଲା ଯୁକ୍ତ ଦୁଇ....

ଛାତ୍ରଛାତ୍ରୀଙ୍କର ମୂଲ୍ୟାୟନ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧,୯୬,୯୫୯ ଜଣ ପାସ୍ କରିଛନ୍ତି । ଅର୍ଥାତ୍ ମୋଟ୍ ପାସ୍ ହାର ୮୯.୪୯% ରହିଛି । ୮୪,୯୦୦ ଜଣ ଛାତ୍ର ଓ ୧,୧୨,୦୫୯ ଜଣ ଛାତ୍ରୀ ପାସ୍ କରିଛନ୍ତି । ଅର୍ଥାତ୍ ଛାତ୍ରଙ୍କ ପାସ୍ ହାର ୮୫.୯୮% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୯୨.୩୪% ରହିଛି । ୩୦,୫୧୦ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୪୬,୧୦୧ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ୧,୧୯,୫୦୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ସେହିପରି ଧନ୍ଦାମୂଳକ ଶିକ୍ଷାରେ ୬,୧୯୭ ଜଣ ଛାତ୍ରଛାତ୍ରୀଙ୍କର ମୂଲ୍ୟାୟନ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫,୩୩୧ ଜଣ ପାସ୍ କରିଛନ୍ତି । ଅର୍ଥାତ୍ ଧନ୍ଦାମୂଳକ ଶିକ୍ଷାରେ ମୋଟ ପାସ୍ ହାର ୮୬.୦୨% ରହିଛି । ୬,୧୯୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪,୯୨୦ ଜଣ ରେଗୁଲାର ଓ ୧,୨୭୭ ଜଣ ଏକ୍ସ-ରେଗୁଲାରର ଥିଲେ । ରେଗୁଲାରରେ ୪,୮୭୯ ଜଣ ପାସ୍ କରିଥିବା ବେଳେ ଏକ୍ସ-ରେଗୁଲାରେ ୪୫୨ ଜଣ ପାସ୍ କରିଛନ୍ତି । ମୋଟ ୫,୩୩୧ ଜଣ ପାସ୍ କରିଥିବା ବେଳେ ସେମାନଙ୍କ ମଧ୍ୟରେ ୨,୭୧୭ ଜଣ ଛାତ୍ର ଓ ୨,୬୧୪ ଜଣ ଛାତ୍ରୀ ଅଛନ୍ତି । ଛାତ୍ରଙ୍କ ପାସ୍ ହାର ୮୩.୮୫% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୮୮.୪% ରହିଛି । ୧,୦୭୬ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୧,୮୩୬ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨,୨୧୯ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ରେଜଲ୍ଟରେ ତଥ୍ୟ ଆଧରିତ ତ୍ରୁଟି ଥିଲେ ଛାତ୍ରଛାତ୍ରୀମାନେ ଜଣାଇପାରିବେ । ସେମାନେ ଏ ସଂପର୍କରେ ଅଗଷ୍ଟ ୨୩ ଭିତରେ କଲେଜ ଅଧ୍ୟକ୍ଷମାନଙ୍କ ନିକଟରେ ପ୍ରମାଣ ସହ ଅଭିଯୋଗ କରିପାରିବେ । ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଅଧ୍ୟକ୍ଷମାନେ ଅଗଷ୍ଟ ୨୪ ଭିତରେ ସିଏଚ୍‌ଏସ୍‌ଇକୁ ଜଣାଇବେ । ସେମାନେ ସିଏଚ୍‌ଏସ୍‌ଇକୁ ଇ-ମେଲ କରି ଛାତ୍ରଛାତ୍ରୀଙ୍କ ଅଭିଯୋଗ ଗୁଡ଼ିକୁ ଜଣାଇବେ । ପରୀକ୍ଷା ଫଳ ପ୍ରକାଶନ ସମୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଡ. ଗଙ୍ଗାଧର ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ବିଜୟ କୁମାର ସାହୁ, ଉପାଧ୍ୟକ୍ଷା ତୁଷାରକାନ୍ତି ତ୍ରିପାଠୀ ଏବଂ ସଚିବ ଶ୍ରୀମତୀ ନିୟତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡିଶାରୁ ୮୦ ଜଣ ପୋଲିସ୍ ଅଧିକାରୀ ....

ସେଂଟ୍ରାଲ ରେଞ୍ଜ ଆଇଜି ନରସିଂହ ଭୋଳ, ଯାଜପୁର ଅତିରିକ୍ତ ଏସପି ଜୟରାମ ଶତପଥୀ, ଏସଓଜି ଡେପୁଟୀ କମାଣ୍ଡାଂଟ ଅଶୋକ କୁମାର ସାହୁ, କଟକ ୟୁପିଡିର ସହକାରୀ କମିଶନର ଅମରେନ୍ଦ୍ର ପଣ୍ଡା, ବରଗଡ଼ର ଡେପୁଟିଏସପି ପ୍ରଦୀପ କୁମାର ସାହୁ, ସମ୍ବଲପୁରର ଡେପୁଟି ଏସପି ତପନ କୁମାର ସାହୁ, ଭବାନୀପାଟଣାର ଭିଜିଲାନ୍ସ ଡେପୁଟି ଏସପି ସତ୍ୟବାନ ମହାନନ୍ଦ, ଭୁବନେଶ୍ୱର ଅର୍ଥନୈତିକ ଅପରାଧ ଶାଖା ଏସଆଇ ସୁକାନ୍ତ କୁମାର ମହାନ୍ତି, ଭୁବନେଶ୍ୱର ୟୁପି ଓ ଟିଟିଆଇର ହାବିଲଦାର ଶେଖ୍ ଅବିର, କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟର କନଷ୍ଟେବଲ ଭଗବାନ ସାହୁ ଓ ରାଉରକେଲା ଓଏସଏପି ଚତୁର୍ଥ ବାଟାଲିୟନର ସିପାହି ବିଶ୍ୱକର୍ମା ମୁଣ୍ଡାଙ୍କୁ ପୋଲିସ ପଦକ ମିଳିବ । ଏହା ବ୍ୟତୀତ ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାର ୭ଜଣଙ୍କୁ ରାଷ୍ଟ୍ରପତିଙ୍କ ହୋମ୍ ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ ପଦକ ମିଳିବ ବୋଲି ଗୃହ ମନ୍ତ୍ରାଳୟ ପକ୍ଷରୁ ଘୋଷଣା କରାଯାଇଛି । ଓଡ଼ିଶାରୁ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀ ସମରେଶ ସାମଲ ଓ ଭିକାରୀ ଚରଣ ସାହୁ, ହୋମଗାର୍ଡ ମଧୁସୂଦନ ପଣ୍ଡା, ଆନନ୍ଦମଣି ତୁଡି ଓ ନିରାକର ପଲେଇ, କମ୍ପାନି କମାଣ୍ଡର ଲକ୍ଷ୍ମଣ କାଲୋ ଏବଂ ହୋମଗାର୍ଡ ପ୍ଲାଟୁନ୍ କମାଣ୍ଡର ନିର୍ମଳ କୁମାର ଦାସ ଏହି ପଦକ ପାଇବେ । ଏହାଛଡ଼ା ଆସାମର ୪, ଛତିଶଗଡ଼ର ୫, ଦିଲ୍ଲୀର, ୫, ଗୁଜୁରାଟର ୬, କର୍ଣ୍ଣାଟକର ୬, ମଧ୍ୟପ୍ରଦେଶର ୩, ପଞ୍ଜାବର ଜଣେ, ହିମାଚଳ ପ୍ରଦେଶର ୨, ମେଘାଳୟର ୨, ତ୍ରିପୁରାର ୨ ଓ ତାମିଲନାଡ୍ରୁର ୩ ଜଣଙ୍କୁ ରାଷ୍ଟ୍ରପତିଙ୍କ ହୋମ୍ ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ ପଦକ ମିଳିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସ୍ୱାଧୀନତା ଦିବସ ଅବସରରେ ଦେଶର ଏହି ପୋଲିସ କର୍ମଚାରୀମାନଙ୍କୁ ବି ସମ୍ମାନିତ କରାଯିବ ।

## ଓଡିଶାର ୨ ସହୀଦ ଯବାନଙ୍କୁ .....

ପୋଲିସ୍ ରେ ଯୋଗ ଦେଇଥିଲେ । ସେ କୋରାପୁଟସ୍ଥିତ ୭ମ ବାଟାଲିୟନରୁ ପୁଲିସ କନଷ୍ଟେବଳ ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ୨୦୧୬ ମାର୍ଚ୍ଚ ୧୦ ତାରିଖରେ ଏସ୍‌ଓଜିରେ ସାମିଲ ହୋଇଥିଲେ । ସେହିପରି ସୁଧୀର କୁମାର ଟୁଡୁ ଓଡ଼ିଶା ପୋଲିସରେ ୨୦୧୩ ମସିହା ସେପଟ୍ମେର ୬ ତାରିଖରେ ଯୋଗ ଦେଇଥିଲେ । ସୁଧୀର କୋରାପୁଟର ୧ମ ବାଟାଲିୟନରୁରେ କନଷ୍ଟେବଳ ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ୨୦୧୮ ଜୁନ୍ ୧୦ରେ ଏସ୍‌ଓଜି ଯବାନ ହୋଇଥିଲେ । ୨୦୨୦ ସେପ୍ଟେମ୍ବର ୯ ତାରିଖରେ କଳାହାଣ୍ଡି ଜିଲ୍ଲା ସିକ୍ରି ଗାଁ ନିକଟ ଜଙ୍ଗଲରେ ନକ୍ସଲଙ୍କ ସହ ସଂଘର୍ଷ ବେଳେ ଦୁଇ ଯବାନ ଦେଶପାଇଁ ପ୍ରାଣବଳି ଦେଇଥିଲେ ।

## ସ୍ୱାଧୀନତା ଦିବସରେ ଆକ୍ରମଣ....

ବିସ୍ଫୋରକ ଜବତ କରାଯାଇଛି । ଆକ୍ରମଣକୁ ସଫଳ କରିବାକୁ ମୋଟରସାଇକେଲ୍ ଆଇଇଡିର ବ୍ୟବହାର କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ ସ୍ୱାଧୀନତା ଦିବସକୁ ଆଖିଆଗରେ ରଖି ସୁରକ୍ଷା ଏଜେନ୍ସି ପୂର୍ବରୁ ହାଇଆଲର୍ଟ କରିଥିଲେ । ନିର୍ଭରଯୋଗ୍ୟ ସଂସ୍ଥାରୁ ଜଣାଯାଇଛି ଯେ, ପାକିସ୍ଥାନସ୍ଥିତ ଆତଙ୍କବାଦୀ ସଂଗଠନ ସୁରକ୍ଷା ପ୍ରତିଷ୍ଠାନ, ଅଗ୍ରିମ ଚୌକିୟାଁକୁ ଲକ୍ଷ୍ୟ କରିବାପାଇଁ ବିସ୍ତୃତ ଯୋଜନା ତିଆରି କରିଥିଲେ ଏବଂ ଦେଶରେ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ପଠାଉଥିଲେ ।

# ଦେବେନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୧୪/୦୮ (ନି.ପ୍ର): ରାଜ୍ୟ ବିଜେପିର ପ୍ରଥମ ସାଧାରଣ ସଂପାଦକ (ସଂଗଠନ) ତଥା ଉତ୍କଳ ପ୍ରାନ୍ତର ପୂର୍ବତନ ସହ କାର୍ଯ୍ୟବାହ ଦେବେନ୍ଦ୍ର ମହାପାତ୍ରଙ୍କ ଗତକାଲି ସଂଧ୍ୟାରେ ଭୁବନେଶ୍ୱର ସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ବରିଷ୍ଠ ନେତା ସଜ୍ଜନ କୁମାର ଶର୍ମା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ନେତୃବୃନ୍ଦ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସବଳକଣା ଗ୍ରାମରେ ଜନ୍ମିତ ସ୍ୱର୍ଗତଃ ମହାପାତ୍ର ପ୍ରଥମେ ଓକିଲାତି ପେଶାରୁ କାର୍ଯ୍ୟ ଆରମ୍ଭ କରିଥିଲେ । ରାଷ୍ଟ୍ରବାଦୀ ବିଚାରାଧାରାରେ ଅନୁପ୍ରାଣିତ ହୋଇ ସ୍ୱର୍ଗତଃ ମହାପାତ୍ର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହିତ ଯୋଡି ହୋଇ ପରବର୍ତୀ ସମୟରେ ଉତ୍କଳ ପ୍ରାନ୍ତର ସହ କାର୍ଯ୍ୟବାହ ଦାୟୀତ୍ୱ ନିର୍ବାହ କରିଥିଲେ । ଭାରତୀୟ ଜନତା ପାର୍ଟୀର ପ୍ରଥମ ସାଧାରଣ ସଂପାଦକ (ସଂଗଠନ)ର ଦାୟୀତ୍ୱକୁ ସୁଚାରୁ ରୂପେ ନିର୍ବାହ କରି ଦଳୀୟ ସଂଗଠନକୁ ତୃଣମୁଳ ସ୍ତରରେ ପହଂଚାଇବାରେ ତାଙ୍କର ଅଗ୍ରଣୀ ଭୂମିକା ଚିର ସ୍ମରଣୀୟ ହୋଇ ରହିବ । ଜଣେ ସୁସଂଗଠକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସ୍ୱର୍ଗତଃ ମହାପାତ୍ର ପାର୍ଟୀ କାର୍ଯ୍ୟକର୍ତାଙ୍କ ପାଇଁ ସର୍ବଦା ପ୍ରେରଣା ହୋଇ ରହିବେ । ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ ସମାଜ ପାଇଁ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଗଭୀର ଶୋକ ବ୍ୟକ୍ତ କରି କହିଛନ୍ତି । ସ୍ୱର୍ଗତଃ ମହାପାତ୍ରଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ରାଜ୍ୟ ବିଜେପି ତରଫରୁ ଶ୍ରୀ ମହାନ୍ତି ସମବେଦନା ଜ୍ଞାପନ କରିଛନ୍ତି ।

# ହାତୀଙ୍କ ସୁରକ୍ଷା ପାଇଁ ଅଧିକ ସଚେତନତା ଲୋଡା

## ଶିମିଳିପାଳର ପୋଷାହାତୀ ମହେନ୍ଦ୍ର ଓ ରାଜକୁମାର ଫେରିବେ କେବେ ?



ବାରିପଦା,୧୪/୦୮ (ନି.ପ୍ର): ଜନ ସଂଖ୍ୟା ବୃଦ୍ଧି ଘଟିବା ସହ ଜଙ୍ଗଲ ନଷ୍ଟ ଦୃତ ଗତିରେ ହେବାରୁ ଜଙ୍ଗଲରେ ବସ ବାସ କରୁ ଥିବା ପଶୁପକ୍ଷୀ ମାନେ ଲୋପ ପାଇବାକୁ ଲାଗିଲେ । ଦୃତ ଗତିରେ ଲୋପ ପାଉ ଥିବା ବନ୍ୟ ପ୍ରାଣୀଙ୍କ ମଧ୍ୟରେ ହାତୀ ଅନ୍ୟତମ । ହାତୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡିଶା ସରକାର ୨୦୦୧ ମସିହାରୁ ମୟୂରଭଞ୍ଜ ହସ୍ତୀ ପ୍ରକଳ୍ପର ଶୁଭାରମ୍ଭ କଲେ । ମୟୂରଭଞ୍ଜ ହସ୍ତୀ ପ୍ରକଳ୍ପ ମୁଖ୍ୟତଃ ତିନଟି ସଂରକ୍ଷିତ ଅଞ୍ଚଳ ଯଥା କୁଲଡିହା ଶିମିଳିପାଳ ଓ ହଦଗଡ଼ ବନ୍ୟଜନ୍ତୁ ଅଭୟାରଣ୍ୟକୁ ନେଇ ଗଠିତ । ଏଥିରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ର ୨୭୫୦ ବର୍ଗ କି.ମି , ହଦ ଗଡ଼ ବନ୍ୟଜନ୍ତୁ ଅଭୟାରଣ୍ୟ ର ୧୯୧.୦୬ ବର୍ଗ କି.ମି ଓ କୁଲଡିହା ଅଭୟାରଣ୍ୟ ର ୨୭୨.୭୫ବର୍ଗ କି.ମି ଅଞ୍ଚଳକୁ ସାମିଲ କରାଯାଇଛି । ଏହି ପ୍ରକଳ୍ପର ଅଂଶ ସ୍ୱରୂପ ଶିମିଳିପାଳରେ ମହେନ୍ଦ୍ର ଓ ରାଜକୁମାରଙ୍କ ପରି ବଣୁଆ ହାତୀଙ୍କୁ ପୋଷା ମାନେଇ ରଖା ଯାଇଥିଲା । ଶିମିଳିପାଳକୁ ବୁଲିବା ପାଇଁ ଆସୁ ଥିବା ପର୍ଯ୍ୟଟକ ମାନେ ହାତୀ ପିଠିରେ ବସି ଶିମିଳିପାଳ ବୁଲିବାର ମଜା ନେଉ ଥିଲେ । ଶିମିଳିପାଳ ମାଟିର ସୁରକ୍ଷା ପାଇଁ ଏମାନେ ୨୦୦୯ ମସିହା ମାଓବାଦୀ ଆକ୍ରମଣ ସମୟରେ ଗୁଳି ମଧ ଖାଇ ଥିଲେ । ଶିମିଳିପାଳ ଆଖପାଖ ଯେ କୌଣସି ଗ୍ରାମରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ହେଲେ ସାଙ୍ଗେ ସାଙ୍ଗେ ଖୋଜା ପଡି ଯାଏ ମହେନ୍ଦ୍ର ଓ ରାଜ କୁମାରଙ୍କୁ । ଦୁଇ ପୋଷା ହାତୀ ବିଭିନ୍ନ ଗ୍ରାମକୁ ଯାଇ ଜଙ୍ଗଲୀ ହାତୀଙ୍କୁ ଘଉଡ଼ାଇ ବା ସହିତ ଅନେକ ଧନ ଜୀବନର ସୁରକ୍ଷା ମଧ କରୁଥିଲେ । ମାତ୍ର ବିଗତ ୨ବର୍ଷ ତଳେ ପୋଷା ହାତୀ ମହେନ୍ଦ୍ର ଓ ରାଜକୁମାରଙ୍କୁ ଶିମିଳିପାଳରୁ ୬ମାସ ପାଇଁ ସାତକୋଶିଆ ଅଭୟାରଣ୍ୟ କୁ ସୁନ୍ଦରୀ ବାଘୁଣୀର ସୁରକ୍ଷା ପାଇଁ ସ୍ଥାନାନ୍ତରିତ କରାଯାଇ ଥିଲା । ତେବେ ସୁନ୍ଦରୀ ବାଘୁଣି ମଧ୍ୟପ୍ରଦେଶ ଫେରିଗଲା ପରେବି ୨ବର୍ଷରୁ ଅଧିକ ସମୟ ଗଡି ଯାଇଥିଲେ ମଧ ରାଜକୁମାର ଓ ମହେନ୍ଦ୍ର ହାତୀଙ୍କୁ ଶିମିଳିପାଳ ଫେରାଯାଉ ନଥିବାରୁ ଜିଲ୍ଲାର ପରିବେଶବିତ ମାନଙ୍କ ମଧ୍ୟରେ ପ୍ରତବାଦ କରାଯାଉଥିବାର ଦେଖା ଯାଉଛି । ବର୍ଷ ତମାମ ପଶ୍ଚିମବଙ୍ଗ ଓ ଝାଡଖଣ୍ଡି ହାତୀ ଖାଦ୍ୟାଭାବରୁ ମୟୂରଭଞ୍ଜକୁ ଆସି ବ୍ୟାପକ ଧନ ଜୀବନ ନଷ୍ଟ କରି ଚାଲିଛନ୍ତି । ପ୍ରତିଦିନ ମଣିଷ ଓ ହାତୀ ଭିତରେ ଛକା ପଞ୍ଝା ଲାଗି ରହିଛି । ଅନେକ ସମୟରେ ହାତୀ ହାବୁଡରେ ପଡି ବହୁ ଅମୂଲ୍ୟ ଜୀବନ ମଧ ଯାଉଛି । ଦାନ୍ତ ପାଇଁ ହାତୀ ଶୀକାର କରିବାକୁ ଶୀକାରୀ ମାନେ ପଛାଉ ନଥିବା ବେଳେ ବିଭିନ୍ନ ସମୟରେ ବିଦ୍ୟୁତ ବିଭାଗର ଅବହେଳା ତଥା ଆନ୍ଥ୍ରାକ୍ସ ଆଦି ରୋଗ ପାଇଁ ହାତୀ ବଂଶ ସମୂଳେ ନଷ୍ଟ ହେବା ପାଇଁ ଆଉ ବେଶୀ ଦିନ ଲାଗିବ ନାହିଁ । ବିଶ୍ୱ ହସ୍ତୀ ଦିବସରେ ବନ ବିଭାଗ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଥିବାର ଦେଖା ଯାଉଛି । ତେବେ ଲୋକେ ସଚେତନ ହେବା ସହିତ ବିଭାଗୀୟ ଅଧିକାରୀ ମାନେ ହାତୀଙ୍କ ସୁରକ୍ଷା ପାଇଁ ଯତ୍ନବାନ ହେଲେ ନିଶ୍ଚିତ ଭାବେ ନୂତନ ଜଙ୍ଗଲ ସୃଷ୍ଟି ହେବା ସହିତ ହାତୀ ପରି ଅନ୍ୟ ଜୀବ ଜନ୍ତୁଙ୍କୁ ମଧ ଲୋପ ପାଇବାରୁ ବଞ୍ଚିଯିବେ ।

# ଆମର ଇତିହାସକୁ ଅବଲୋକନ କରି ଆଗାମୀ ଦିନର ପଥ ପ୍ରସ୍ତୁତ କରିବାକୁ ପଡିବ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୪/୦୮ (ନି.ପ୍ର): ଆମେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରିବା ସମୟରେ ଆମର ଇତିହାସ, ଆମର ଉତ୍ପତ୍ତି ଏବଂ ପୂର୍ବପୁରୁଷଙ୍କ ବିଚାରଧାରାକୁ ଅବଲୋକନ କରି ଆଗାମୀ ୭୫ ବର୍ଷ ପର୍ଯ୍ୟନ୍ତ ପଥ ପ୍ରସ୍ତୁତ କରିବାକୁ ପଡିବ ବୋଲି ଶନିବାର "ଦେଖୋ ଅପନା ଦେଶ୍" ୱେବିନାରରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ବିବିଧତାରେ ପରିପୂର୍ଣ୍ଣ ଭାରତର ସ୍ୱର୍ଣ୍ଣିମ ଇତିହାସ ଏବଂ ଭବିଷ୍ୟତ ଉପରେ ମତ ଦେଇଛନ୍ତି । ସେ କହିଛନ୍ତି ପର୍ଯ୍ୟଟନ କେବଳ ଉଲ୍ଲାସର ବିଷୟ ନୁହେଁ ବରଂ ଏହା ଶିକ୍ଷାର ବିଷୟ ମଧ । ଆମକୁ ଆମର ପ୍ରାଚୀନ ଇତିହାସ ଏବଂ ଆମର ଉତ୍ପତ୍ତି ବିଷୟରେ ସ୍ପଷ୍ଟୀକରଣ ରଖିବା ଦରକାର । ଆମର ସ୍ୱାଧୀନତାର ଲଢ଼େଇ ୭୫ ବର୍ଷରୁ ଅଧିକ ପୁରୁଣା, ଏଥିପାଇଁ ଆମର ଶିକ୍ଷା ବ୍ୟବସ୍ଥା ଏହି ପରମ୍ପରା ସହ ଜଡ଼ିତ ରହିଛି ଏବଂ ଆଗକୁ ବଢ଼ିବାର ପ୍ରତିବଦ୍ଧତା ରଖିଛି । ବିଶ୍ୱ ଧର୍ମ ସଂସଦକୁ ସମ୍ବୋଧିତ କରିବା ସମୟରେ ବିଶ୍ୱବରେଣ୍ୟ ସ୍ୱାମୀ ବିବେକାନନ୍ଦ ମାତ୍ର ୩୦ ବର୍ଷର ଥିଲେ । ସେହିଭଳି ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ ମାତ୍ର ୨୩ ବର୍ଷ ବୟସରେ ଏବଂ ଖୁଦିରାମ ବୋସ ମାତ୍ର ୧୮ ବର୍ଷ ବୟସରେ ଦେଶ ପାଇଁ ଲଢ଼ି ଶହୀଦ ହୋଇଥିଲେ । କ୍ରାନ୍ତି କିମ୍ବା ନବସୃଜନ ପାଇଁ ଯୁବପିଢ଼ିମାନେ ନିଜେ ଆଦର୍ଶ ସ୍ଥାପନ କରି ସମାଜ ଆଗରେ ପଥ ପ୍ରସ୍ତୁତ କରିଛନ୍ତି । ଆମେ ବିଗତ ୭୫ ବର୍ଷରେ ମିଳିଥିବା ଶିକ୍ଷା ଏବଂ ଉପଲବ୍ଧିକୁ ମନେପକାଇ ଆଗାମୀ ୭୫ ବର୍ଷ ପର୍ଯ୍ୟନ୍ତ ମାର୍ଗ ପ୍ରସ୍ତୁତ କରିବା ଦରକାର । ଆଗାମୀ ୨୫ ବର୍ଷରେ ଯେବେ ଆମେ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବା, ସେ ସମୟରେ ଆଜିର ଯୁବପିଢ଼ି ଭବିଷ୍ୟତର ନେତୃତ୍ୱ ନେବେ । ଆମକୁ ସେହି ଯୁବପିଢ଼ିଙ୍କୁ ଭାରତର ଐତିହ୍ୟ ସହ ଯୋଡ଼ିବା ସହ ଆଧୁନିକ ସମାଜ ପାଇଁ ପ୍ରସ୍ତୁତ କରିବା ଦରକାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଏବଂ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଭାରତର ଐତିହ୍ୟ ସହ ଯୁବପିଢ଼ିଙ୍କୁ ଯୋଡ଼ିବା ଏବଂ ଆଗାମୀ ପିଢ଼ିଙ୍କୁ ଅଗଣିତ ସାଧୁ ସନ୍ଥ ଏବଂ ମହାପୁରୁଷଙ୍କ ଅତୁଳ୍ୟ ଯୋଗଦାନ ଉପରେ ଗର୍ବ ଅନୁଭବ କରାଇବା ପାଇଁ "ଦେଖୋ ଅପନା ଦେଶ୍" ଥିମ୍ ଉପରେ ୧୨ ଏପିସୋଡର ଏକ ଶୃଙ୍ଖଳା ପ୍ରସ୍ତୁତ କରାଯିବା ଆନନ୍ଦର ବିଷୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ଗୋଟିଏ ଦିନରେ ୧୧୩୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୪/୦୮(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୩୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୩୫୦୭କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୭୫୯୯୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୦୬୩୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୩୨ ଜଣଙ୍କ ମଧ୍ୟରୁ ୬୫୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୧୦ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମ୍ଭରେ ଅନୁଗୁଳ ଜିଲ୍ଲାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୦ ଜଣ, ବରଗଡ଼ରୁ ୧୦ ଜଣ, ଭଦ୍ରକରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୧୯୭, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୧ ଜଣ, ଗଜପତି ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମର ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪୨ ଜଣ, ଯାଜପୁରରୁ ୨୯ ଜଣ, ଝାରସୁଗୁଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ୭, କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୨୭ ଜଣ, କେନ୍ଦୁଝରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୧୦ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୩, ମାଲକାନଗିରି ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଦିନକରେ ୭୦ ନୂଆ କରୋନା ସଂକ୍ରମିତ

## ସାଢ଼େ ୯ଲକ୍ଷ ପାନ ଟପିଲା ବାଲେଶ୍ୱରର ଟିକାକରଣ

ବାଲେଶ୍ୱର,୧୪/୦୮ (ନି.ପ୍ର): ରାଜ୍ୟର ଅନ୍ୟାନ୍ୟ ଜିଲା ତୁଳନାରେ ବାଲେଶ୍ୱରର ସଂକ୍ରମଣର ହ୍ରାସ-ବୃଦ୍ଧି ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ସପ୍ତାହକ ପୂର୍ବରୁ ୩୦ ତଳକୁ ଖସିଥିବା ଦୈନିକ ସଂକ୍ରମିତଙ୍କ ସଂଖ୍ୟା ପୁଣି ଧୀରେ ଧୀରେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୭୦ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୮,୭୮୯ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୩୭,୯୩୫ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ଦୁଇଜଣ କରୋନା ଆକ୍ରମାନ୍ତଙ୍କ ମୃତ୍ୟୁ ହୋଇତିବା ବେଳେ ଅଦ୍ୟାବଧି କରୋନା ଜନିତ ମୃତ୍ୟୁ ସଂଖ୍ୟା୨୩୦ରେ ପହଞ୍ଚିଛି ବୋଲି ସରକାରୀ ୱେବସାଇଟରେ ଦର୍ଶାଯାଇଛି । ଅନ୍ୟପକ୍ଷରେ ଜିଲାରେ ଚାଲିଥିବା ସାମୂହିକ ଟିକାକରଣ କାର୍ଯ୍ୟକ୍ରମରେ ଆଜି ଦିନକରେ ବାଲେଶ୍ୱରର ୬୧ କେନ୍ଦ୍ରରେ ୧୫,୦୨୬ ଜଣ କୋଭିଡ ଟିକା ନେଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅଦ୍ୟାବଧି ଜିଲାରେ ମୋଟ ୯, ୫୩,୯୮୩ ପାନ ଟିକା ପ୍ରଦାନ କରାଯାଇଛି । ତନ୍ମଧ୍ୟରୁ ୬,୮୯,୩୯୮ ଜଣ ପ୍ରଥମ ପାନ ଓ ୨,୬୪,୫୮୫ଜଣ ଦ୍ୱିତୀୟ ପାନ ଟିକା ନେଇଥିବା ଜଣାପଡ଼ିଛି ।

### କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୬ ଗିରଫ

ଭୁବନେଶ୍ୱର,୧୪/୦୮ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୬ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୯୧୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୭,୫୨,୯୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଏମ୍ସ କମ୍ପ୍ୟୁଟର ବାଲିଆପାଳ ପକ୍ଷରୁ ରକ୍ତଦାନଶିବିର



ବାଲିଆପାଳ,୧୪/୦୮ (ନି.ପ୍ର): ବାଲିଆପାଳ ଏମ୍ସ କମ୍ପ୍ୟୁଟରରେ ଏକ ମେଗା ରକ୍ତଦାନଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଆନୁଷ୍ଠାନିକ ଭାବେ ଉଦଘାଟନକରି ଥିଲେ । ସମ୍ମାନୀତ ଅତିଥି ଭାବରେ ବାଲିଆପାଳ କାନାଡା ବ୍ୟାଙ୍କ ମ୍ୟାନେଜର ମାନସ ରଞ୍ଜନ ବିଶୋଇ, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚଲ୍ରବ ୀ ,ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ,ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ଦାସ,ପ୍ରଭାତ ଦାସ ମହାପାତ୍ର,ସାମ୍ବାଦିକ ତାରାକାନ୍ତ ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ବାଲେଶ୍ୱର ରକ୍ତ ଭଣ୍ଡାର ଡାକ୍ତର ପ୍ରଶାନ୍ତ କୁମାର ଦାସ ଷ୍ଟାପ ନର୍ସ ସ୍ୱାତୀ ସୁଚରିତା ରାଜ, ଟେକନସିଆନ ବସନ୍ତ କୁମାର ଜେନା,ବିଭୂପଦ ମିଶ୍ର,ଅଜୟ କୁମାର ମହାପାତ୍ର ,ବିଦ୍ୟାଧର ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।ଏମ୍ସ କମ୍ପ୍ୟୁଟର ର ନିର୍ଦ୍ଦେଶକ ସାଗର ପଟ୍ଟନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୪୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । କାର୍ଯ୍ୟକ୍ରମକୁ ସୁଶ୍ରୀ ପ୍ରତିଭା ଜେନା,ପବିତ୍ର ଭୂୟାଁ,ତନୁଜ ପାତ୍ର,ସତ୍ୟରଞ୍ଜନ ବେହେରା, ତନୁଜ କୁମାର ଜେନା,ଦିଗାମ୍ବର ରଣା, ମଳୟ ରଞ୍ଜନ ପାଣିଗ୍ରାହୀ, ପରେଶ ଗିରି,ସୁଶାନ୍ତ ରାଉଳ, ତରୁଣ ମହାପାତ୍ର,ଅମୂଲ୍ୟ ବାରିକ,ଅରୁଣ ଜେନା,ପରେଶ ଭୋଳ,ପଙ୍କଜ କମାର ସାହୁ,ମାନସ ପ୍ରଧାନ,ଲିଟୁ ନାୟକ, ଗୀତାଞ୍ଜଳୀ ରଣା,ଭାଗ୍ୟଶ୍ରୀ ବେହେରା,ଭାଗ୍ୟ ଲକ୍ଷ୍ମୀ ନନ୍ଦୀ, ଇଚ୍ଛିଶ୍ରୀ ଗିରି, ରାମେଶ୍ୱର ମାସନ୍ତ,ସମରେନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

### ନଦୀ ସ୍ରୋତରେ ବାଇକ୍ ସହ ଭାସିଗଲେ ଆରୋହୀ

ବାରିପଦା,୧୪/୦୮ (ନି.ପ୍ର): ପାଣି ବଢିରେ ଭାସି ଗଲେ ଯୁବକ । ବାଇକରେ ବସି ରାସ୍ତା ପରି ହେଉଥିବା ବେଳେ ବର୍ଷା ପାଣି ସ୍ରୋତରେ ଭାସିଗଲେ । ଏପରି ଏକ ଅଘଟଣ ବାରିପଦା ୧୭ ନଂ ୱାର୍ଡ ସ୍ଥିତ ବଳରାମପୁର ଜରାଳି ନଦୀ କଲଭର୍ଟ ନିକଟରେ ଦେଖିବାକୁ ମିଳିଛି । ସୂଚନା ଯେ, ଶନିବାର ମଧାହ୍ନ ୧ଟା ସମୟରେ ପ୍ରାୟ ଦୁଇ ଘଣ୍ଟା ଧରି ଲଗାଣ ବର୍ଷା ଲାଗି ରହିଥିଲା । ଏହି ଲଗାନା ବର୍ଷା ଫଳରେ ଦୁଇଟି ୱାର୍ଡକୁ ସଂଯୋଗ କରୁଥିବା ଏକ ଛୋଟ ପୋଲରେ ଜଳସ୍ତର ବଢ଼ି କଲଭର୍ଟ ଉପର ଦେଇ ପ୍ରବାହିତ ହେଉଥିଲ । ଏହି ସମୟରେ ଜଣେ ଯୁବକ ଗାଡ଼ିରେ ବସି ପାଣି ସ୍ରୋତରେ କଲଭର୍ଟ ପରି ହେବାକୁ ଚେଷ୍ଟା କରୁଥିବା ବେଳେ ଭାସିଯାଇଥିଲେ । ଘଟଣାସ୍ଥଳରେ ବାରିପଦା ଅଗ୍ନିଶମ ବିଭାଗ ପକ୍ଷରୁ ଯୁବକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ହେଲେ ବର୍ତ୍ତମାନ ସୁଦ୍ଧା ଯୁବକଙ୍କର କୌଣସି ପତ୍ତା ମିଳିପାରିନାହିଁ । ଏମିତିକି ଯୁବକ ଜଣକର ପରିଚୟ ମଧ ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ ।

# ଜନସମସ୍ୟା ସମାଧାନରେ ପ୍ରାଶାନିକ ଉଦାସୀନତା ଅଭିଯୋଗ

## ‘ବାଲେଶ୍ୱର ସିଭିଲ ସୋସାଇଟି’ର ଆନ୍ଦୋଳନ ନିଷ୍ପତ୍ତି

ବାଲେଶ୍ୱର,୧୪/୦୮ (ନି.ପ୍ର): ବାଲେଶ୍ୱର ସିଭିଲ ସୋସାଇଟିର ଏକ ବୈଠକ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ବରିଷ୍ଠ ନାଗରିକ ମଞ୍ଚ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସହର ସମେତ ଜିଲାରେ ଦୈନନ୍ଦିନ ଜୀବନରେ ଜନସାଧାରଣ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ଦିଗ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷ କରି ସହରର ବିପର୍ଯ୍ୟସ୍ତ ନିଷ୍କାସନ ବ୍ୟବସ୍ଥାକୁ ନେଇ ବୈଠକରେ ଉପସ୍ଥିତ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ । ଗତ ୧୦ ତାରିଖ ଅପରାହ୍ନରେ ହୋଇଥିବା ବର୍ଷାରେ ଜଳ ନିଷ୍କାସନ ହୋଇ ନ ପାରି ସହରରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା । ଏହି ବର୍ଷାରେ ତଳିଆ ଅଞ୍ଚଳର ଲୋକଙ୍କ ଘରେ ଓ ସହରର ଅନେକ ଦୋକାନରେ ବର୍ଷାଜଳ ପ୍ରବେଶ କରି ଲକ୍ଷଲକ୍ଷ ଟଙ୍କାର କ୍ଷତି ହୋଇଥିବା ବୈଠକରେ ଉପସ୍ଥିତ ସଦସ୍ୟମାନେ କହିଥିଲେ । ସେହିପରି ଅମୃତ ଯୋଜନାରେ ବାଲେଶ୍ୱର ସହରରେ କୋଟି କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପ ଅଦ୍ୟାବଧି କାର୍ଯ୍ୟକାରୀ ନହେବା, ସହର ରାସ୍ତା ପାର୍ଶ୍ୱରେ କୁଢ଼କୁଢ଼ ଆବର୍ଜନା ପଡ଼ିରହିବା, ଶାଖାନାଳ ପରିଷ୍କାର କରା ନଯିବା ଆଦି କାର୍ଯ୍ୟରେ ପୌରପାଳିକାର ଅବହେଳା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ସେହିଭଳି ବାଲେଶ୍ୱରର ଜୀବନରେଖା ହୋଇଥିବା ରାଜ୍ୟର ପ୍ରଥମ ଉଡ଼ାନ୍ତା ପୋଲ ମରାମତି ପାଇଁ ସିଭିଲ ସୋସାଇଟି ସମେତ ଅନ୍ୟାନ୍ୟ ବହୁ ଗଣ ସଂଗଠନର ଦାବି ଓ ଆନ୍ଦୋଳନ ପରେ ଅନୁଦାନ ମଞ୍ଜୁର ହୋଇଥିଲା । ମାତ୍ର ଜିଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କ ଅସହଯୋଗରୁ ଠିକାଦାରୀ ସଂସ୍ଥା ପକ୍ଷରୁ ନିମ୍ନମାନର ମରାମତି କାର୍ଯ୍ୟ ହେଉଥିବା ସୋସାଇଟିର କର୍ମକର୍ତ୍ତାମାନେ ଆରୋପ କରିଛନ୍ତି । ପୋଲ ଉପରେ ଅନେକ ସ୍ଥାନରେ ବଡ଼ବଡ଼ ଗାତ ସୃଷ୍ଟି ହୋଇ ଯାନବାହନ ଚଳାଚଳରେ ବ୍ୟାଘାତ ଓ ଛୋଟବଡ଼ ଦୁର୍ଘଟଣା ଘଟୁଛି । କେତେବେଳେ ଯେ ଏହି ପୋଲ ଭୂଷୁଡ଼ିପଡ଼ିବ ଓ କେତେ ଧନଜୀବନ କ୍ଷତି ଘଟିବ ଏହି ଆଶଙ୍କା ନେଇ ସୋସାଇଟି ତରଫରୁ ଉଦବେଗ ପ୍ରକାଶ ପାଉଛି । ଅନ୍ୟପକ୍ଷରେ ବାଲେଶ୍ୱର ରେଳ ଡିଭିଜନ୍ ପ୍ରତିଷ୍ଠା କରିବା ଓ ଷ୍ଟେସନର ପଶ୍ଚିମ ପାର୍ଶ୍ୱକୁ ଯାତ୍ରୀବାହୀ ରେଳର ପ୍ଲାଟଫର୍ମ ସମ୍ପ୍ରସାରଣ ପାଇଁ ଦୀର୍ଘଦିନ ଧରି ହେଉଥିବା ଦାବି ଏବେ ବି ଅସମାହିତ ରହିଛି । ଏନେଇ ସୋସାଇଟି ପକ୍ଷରୁ ଜନସମର୍ଥନ ସହ ଆନ୍ଦୋଳନକୁ ଓହ୍ଲାଇବାକୁ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଆଜିର ଏହି ବୈଠକରେ ସଂଗଠନ ଉପ-ସଭାପତି ବସନ୍ତ ସ, ସଂପାଦକ ମନୋଜ ନାୟକଙ୍କ ସମେତ ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ସୁଦର୍ଶନ ଦାସ, ପରମାନନ୍ଦ ପଣ୍ଡା ଓ ସଂଜୀତ କୁମାର ପତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୋଷାଧକ୍ଷ ସନ୍ତୋଷ କୁମାର ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ‘ରାମ ରାଜ୍ୟ ଫାଉଣ୍ଡେସନ’ ପକ୍ଷରୁ କ୍ଷୁଦ୍ର ଚଳଚିତ୍ର ପ୍ରତିଯୋଗିତା

ବାଲେଶ୍ୱର,୧୪/୦୮ (ନି.ପ୍ର): ‘ରାମ ରାଜ୍ୟ ଫାଉଣ୍ଡେସନ’ ପକ୍ଷରୁ ସହର ଉପକଣ୍ଠ କୁରୁଡ଼ାସ୍ଥିତ ସମ୍ଭାଗ ଭବନରେ ୭୫ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ କ୍ଷୁଦ୍ର ଚଳଚିତ୍ର ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱରର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଭାରତର ସଂହତି, ଅଖଣ୍ଡତା ଓ ସାର୍ବଭୌମତା ରକ୍ଷା କରିବାରେ ନାଗରିକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଗୌରୀ ରଥ, ଭଗବାନ ଖଣ୍ଡେଲୱାଲ, ଉପେନ୍ଦ୍ର ବିଶ୍ୱାଳ, ଶିରୀଶ ହାତୀ, କେଶୁ ଦାସ, ଅରବିନ୍ଦ ବାରିକ, ସତ୍ୟବ୍ରତ ପଣ୍ଡା, ଆରିୟାନ ମିଶ୍ର ପ୍ରମୁଖ ଏଥିରେ ଯୋଗଦେଇ ରାମରାଜ୍ୟ ଫାଉଣ୍ଡେସନର ସଚେତନତା ଭିତ୍ତିକ କାର୍ଯ୍ୟ ଭୂୟସୀ ପ୍ରଶଂସା କରିଥିଲେ ।ଏହି ଅବସରରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନିର୍ମିତ ଏକାଧିକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା ।







❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo